# ରାଉରକେଲାରେ ଭୋଲଟାସର ଦ୍ୱିତୀୟ ବ୍ରାଣ୍ଡ ଶୋ’ରୁମ୍ ଶୁଭାରମ୍ଭ



**ରାଉରକେଲା, ୯ ।୪(ସମିସ):** ଟାଟା ପକ୍ଷରୁ ନିର୍ମିତ ଏସି ଭୋଲଟାସ ଲିମିଟେଡର ରାଜ୍ୟର ୨୦ତମ ଏବଂ ରାଉରକେଲା ସହରରେ ଦ୍ୱିତୀୟ ବ୍ରାଣ୍ଡ ଶୋ’ରୁମ ମଙ୍ଗଳବାର ଶୁଭାରମ୍ଭ ହୋଇଛି । ଆଞ୍ଚଳିକ ପ୍ରବନ୍ଧକ ମାନସ କୁମାର ମଲ୍ଲିକ ଫିତାକାଟି ଏହାକୁ ଉଦଘାଟନ କରିଥିଲେ । ଏହି ବ୍ରାଣ୍ଡ ଦୋକାନରେ ଏୟାର କଣ୍ଡିସନର, ୱାଟର ହିଟର, ଏୟାର କୁଲର୍ସ, ବାଣିଜ୍ୟିକ ରେଫ୍ରିଜିରେଟର, ୱାଟର ଡିସପେନସର୍, ୱାଟର କୁଲର୍, ରେଫ୍ରିଜିରେଟର, ୱାଶିଂ ମେସିନ୍, ମାଇକ୍ରୋୱେଭ୍ ଆଦି ଆକର୍ଷଣୀୟ ସାମଗ୍ରୀ ଉପଲବ୍ଧ ରହିଛି । ଏହି ଅବସରରେ ସୂଚନା ଦେଇ ଭୋଲଟାସ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ତଥା ସିଇଓ ପ୍ରଦୀପ ବକ୍ସି କହିଛନ୍ତି, ରାଉରକେଲାରେ ଦ୍ୱିତୀୟ ଭୋଲ୍ଟାସ୍ ବ୍ରାଣ୍ଡ ଦୋକାନର ଶୁଭାରମ୍ଭ କରି ଆମେ ଆନନ୍ଦିତ । ଜଣେ ମାର୍କେଟ ଲିଡର ଭାବରେ ଆମେ ସବୁବେଳେ ଗ୍ରାହକଙ୍କୁ ଆମ ସମସ୍ତ ବ୍ୟବସାୟ କାର୍ଯ୍ୟର ମୂଳ ସ୍ଥାନରେ ରଖିଛୁ ଏବଂ ସେମାନଙ୍କ ଦୈନନ୍ଦିନ ଆବଶ୍ୟକତାକୁ ଦୃଷ୍ଟିରେ ରଖି ବୈଷୟିକ ଜ୍ଞାନକୌଶଳରେ ଉନ୍ନତ ଦ୍ରବ୍ୟ ଯୋଗାଇବାକୁ ଚେଷ୍ଟା ଜାରି ରଖିଛୁ ବୋଲି ସେ କହିଥିଲେ । ଏହି ଅବସରରେ ଦୀପକ ସାମଲ, ବିଶ୍ୱରଞ୍ଜନ ମହାନ୍ତି, ବିଭୂତି ଭୂଷଣ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

# ସହର ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରବେଶ ଉତ୍ସବ




**ରାଉରକେଲା, ୯ ।୪(ସମିସ):** ସ୍ଥାନୀୟ ଡେଲି ମାର୍କେଟସ୍ଥିତ ସହର ସରକାରୀ ଉଚ୍ଚ ବିଦ୍ୟାଳୟରେ ମଙ୍ଗଳବାର ଛାତ୍ରଛାତ୍ରୀଙ୍କ ପ୍ରବେଶ ଉତ୍ସବ ପାଳିତ ହୋଇଛି । ଏହି ଅବସରରେ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନେଇ ବିଦ୍ୟାଳୟ ନିକଟବର୍ତ୍ତୀ ଅଞ୍ଚଳ ପରିକ୍ରମା କରାଯାଇଥିଲା । ନୂତନ ଛାତ୍ରଛାତ୍ରୀଙ୍କୁ ଶିକ୍ଷକ ଓ ଶିକ୍ଷୟିତ୍ରୀ ପୁଷ୍ପ ଓ ଚନ୍ଦନ ଦେଇ ସ୍ୱାଗତ କରିଥିଲେ । ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଅମିତା କୁମାରୀ ଗଡ଼ନାୟକ ଉତ୍ସବରେ ସଭାପତିତ୍ୱ କରିଥିଲେ । ମୁଖ୍ୟଅତିଥି ଭାବେ ବିଶ୍ରା ଏବିଇଓ କୃପାସିନ୍ଧୁ ପତି ଏବଂ ସମ୍ମାନିତ ଅତିଥି ଭାବେ ସିଆରସିସି ଦୀପ୍ତିମୟୀ ପରିଡ଼ା, ସିଆରସିସି ସିପ୍ରା ସାହୁ, ଆଭା ଅନ୍ୱେଷାର ସଭାପତି ଆର୍ତ୍ତତ୍ରାଣ ଜେନା, ପରିଚାଳନା କମିଟି ସଭାପତି ସରୋଜ ଜେନା ପ୍ରମୁଖ ଯୋଗ ଦେଇଥିଲେ । ଅନିଭା ଜ୍ୟୋତି ଲୁଗୁନ ଓ କଲ୍ୟାଣୀ ସ୍ୱାଇଁ ସଭା ପରିଚାଳନା ସହ ପିଲାଙ୍କୁ ନୂଆ ବହି ଓ ମିଠା ବାଣ୍ଟିଥିଲେ । ଯଶୋବନ୍ତି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଆର୍‌ଏସ୍‌ଏସ୍ ପକ୍ଷରୁ ହିନ୍ଦୁ ନବବର୍ଷ ପାଳିତ

**ହେମଗିରି, ୯ ।୪(ସମିସ):** ହେମଗିରି କନିକାଠାରେ ଆର୍‌ଏସ୍‌ଏସ୍ ପକ୍ଷରୁ ହିନ୍ଦୁ ନବବର୍ଷ ପାଳିତ ହୋଇଛି । କର୍ମକର୍ତ୍ତା ଲକ୍ଷ୍ମୀନାରାୟଣ ମନ୍ଦିରରେ ପୂଜାର୍ଚ୍ଚନା କରିବା ପରେ ଗ୍ରାମର ଯୁବକମାନଙ୍କ ସହ ଏକ ବାଇକ୍ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିଥିଲେ । ଏହି ଅବସରରେ ଅଞ୍ଚଳବାସୀଙ୍କୁ ନବବର୍ଷର ଅଭିନନ୍ଦନ ଜଣାଇଥିଲେ ।

# ସହିଦ ଅଶୋକ ମାଝୀଙ୍କୁ ମନେପକାଇଲା ପୁଲିସ ପ୍ରଶାସନ



**ସୁନ୍ଦରଗଡ଼, ୯ ।୪(ସମିସ):** ସହିଦ ଦିବସ ଅବସରରେ ପୁଲିସ ପ୍ରଶାସନ ଟାଙ୍ଗରପାଲି ବ୍ଲକ ମୁଣ୍ଡାଗାଁର ସହିଦ ଅଶୋକ କୁମାର ମାଝୀଙ୍କୁ ମଙ୍ଗଳବାର ମନେପକାଇଛି । ପୁଲିସ ପ୍ରଶାସନ ପକ୍ଷରୁ ଭଷ୍ମା ଥାନା ଏଏସଆଇ ସାବିତ୍ରୀ ପ୍ରଧାନଙ୍କ ନେତୃତ୍ୱରେ ଏକ ଟିମ୍ ଅଶୋକଙ୍କ ଘରକୁ ଯାଇ ପରିବାରର ସୁବିଧା ଅସୁବିଧା ପଚାରି ବୁଝିଛନ୍ତି । ସେହିପରି ମୁଣ୍ଡାଗାଁ ଛକ ଓ ସ୍ଥାନୀୟ ବସଷ୍ଟପ୍ ନିକଟରେ ଥିବା ସହିଦ ଅଶୋକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ବାପା ଧନୁ ମାଝୀ, ମାଆ ବାସନ୍ତୀ ମାଝୀଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି । ଅଶୋକ ସିଆରପିଏଫରେ ଚାକିରି କରୁଥିବା ବେଳେ ୨୦୦୫ ଜାନୁୟାରୀ ୨୪ ତାରିଖ ଦେଶ ପାଇଁ ସହିଦ ହୋଇଥିଲେ ।

## ଜୀବିତଙ୍କୁ ମୃତ ଦର୍ଶାଇ ବାର୍ଦ୍ଧକ୍ୟ ଭତ୍ତା କାଟିଦେବା ଘଟଣା

# ପ୍ରଶାସନିକ ତଦନ୍ତ; ଚଳିତ ମାସରୁ ପୁଣି ମିଳିବ ଭତ୍ତା

**ସୁନ୍ଦରଗଡ଼, ୯ ।୪(ସମିସ)**

ସବଡେଗା ବ୍ଲକ ରାଜପୁର ପଞ୍ଚାୟତର ଜଣେ ମଧୁବାବୁ ପେନସନ ଯୋଜନା ହିତାଧିକାରୀଙ୍କୁ ମୃତ ଦର୍ଶାଇ ତାଙ୍କ ବାର୍ଦ୍ଧକ୍ୟ ଭତ୍ତା କାଟିଦେବା ଘଟଣାକୁ ନେଇ ମଙ୍ଗଳବାର ‘ସକାଳ’ରେ ଖବର ପ୍ରକାଶ ପରେ ଏହାର ପ୍ରଶାସନିକ ତଦନ୍ତ ହୋଇଛି । ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ସବଡେଗା ବ୍ଲକର ବିଭାଗୀୟ କର୍ମଚାରୀ ସମ୍ପୃକ୍ତ ହିତାଧିକାରୀ ଦେହୁରୀମୁଣ୍ଡା ଗ୍ରାମର ଲୋଚନ ଝୁରା (୮୦)ଙ୍କ ଘରକୁ ଯାଇ ପଚରାଉଚୁରା କରିଛନ୍ତି । ରାଜପୁର ପଞ୍ଚାୟତ ଭତ୍ତା ବଣ୍ଟନ ଦାୟିତ୍ୱରେ ଥିବା ଜଣେ କର୍ମଚାରୀ ଲୋଚନଙ୍କୁ ମୃତ ଦର୍ଶାଇ ହିତାଧିକାରୀ ତାଲିକାରୁ ତାଙ୍କୁ ବାଦ୍ ଦେଇଥିବା ତଦନ୍ତରୁ ଜଣାପଡ଼ିଛି । ତେବେ ଲୋଚନଙ୍କୁ ଚଳିତ ମାସରୁ ପୁଣି ଭତ୍ତା ପ୍ରଦାନ ବ୍ୟବସ୍ଥା କରାଯିବ ବୋଲି ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୂଚନା ଦେଇଛନ୍ତି ।





ଲୋଚନଙ୍କ ସନ୍ତାନ କହିଲେ କେବଳ ଜଣେ ବିବାହିତ ଝିଅ ଅଛନ୍ତି । ସ୍ତ୍ରୀ ଆରପାରିକୁ ଚାଲିଯାଇଛନ୍ତି । ଜମିବାଡ଼ି ବିଶେଷ କିଛି ନାହିଁ । ତଥାପି ସେ ୬୦ ବର୍ଷରେ ପଦାର୍ପଣ କରିବା ପରେ ବି ବାର୍ଦ୍ଧକ୍ୟ ଭତ୍ତା ମଞ୍ଜୁର କରାଯାଇ ନ ଥିଲା । ବହୁ କାକୁତି ମିନତି ପରେ ୨୦୧୪ରେ ତାଙ୍କୁ ମଧୁବାବୁ ପେନସନ ଯୋଜନାରେ ସାମିଲ କରାଯାଇଥିଲା । ସେହି ବର୍ଷ ଡିସେମ୍ବର ୧ରୁ ଭତ୍ତା ପ୍ରଦାନ କରାଯାଉଥିଲା । ମାତ୍ର ୨୦୨୩ ଜାନୁଆରୀ ମାସରୁ ତାଙ୍କ ଭତ୍ତା ହଠାତ ବନ୍ଦ କରି ଦିଆଯାଇଥିଲା । ସେ ଏ ନେଇ ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ କରୁଥିଲେ ବି କୌଣସି ସୁଫଳ ମିଳୁ ନ ଥିଲା ।

ଚଲାବୁଲା କରିପାରୁ ନ ଥିବାରୁ ଅନ୍ୟ ଲୋକଙ୍କ ସହାୟତାରେ ପ୍ରତିମାସ ପଞ୍ଚାୟତ କାର୍ଯ୍ୟାଳୟକୁ ପୁଣି ପେନସନ ପାଇବା ଆଶାରେ ଯାଉଥିଲେ । ହେଲେ ତାଙ୍କୁ ନିରାଶରେ ଘରକୁ ଫେରିବାକୁ ପଡୁଥିଲା । ପେନସନ ବନ୍ଦ ହେବା ପରେ ଗରିବ ଝିଅଜ୍ୱାଇଁଙ୍କ ପକ୍ଷେ ତାଙ୍କ ପ୍ରତିପୋଷଣ କରିବା କାଠିକର ପାଠ ହୋଇ ପଡ଼ିଥିଲା । ଫଳରେ ସେ ଘୋର ଦୁର୍ଦ୍ଦଶା ଓ ମାନସିକ ଦୁଶ୍ଚିନ୍ତା ମଧ୍ୟରେ କାଳାତିପାତ କରୁଥିଲେ । ଜୀବିତ ହିତାଧିକାରୀଙ୍କୁ ମୃତ ଦର୍ଶାଇ ଏହି ଗରିବ ବୃଦ୍ଧଙ୍କ ଦୁର୍ଦ୍ଦଶାର କାରଣ ସାଜିଥିବା ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି ।

# ଯୁବକ ନିଖୋଜ, ଥାନାରେ ଏତଲା



**ହେମଗିରି, ୯ ।୪(ସମିସ):** ହେମଗିରି ରାଜପରିବାରର ସଦସ୍ୟ ନବୀନ ସିଂ (୩୭) ୪ଦିନ ଧରି ନିଖୋଜ ଅଛନ୍ତି । ଶନିବାର ନିଜ କାର୍ଯ୍ୟକୁ ବାହାରି ଆଉ ଘରକୁ ଫେରିନାହାନ୍ତି । ପରିବାର ଲୋକେ ବହୁ ଖୋଜାଖୋଜି କରିବା ପରେ ତାଙ୍କ ପତ୍ତା ନ ମିଳିବାରୁ ଥାନାରେ ଏତଲା ଦେଇଛନ୍ତି । ପୁଲିସ ତାଙ୍କୁ ହେମଗିରି ସମେତ ଛତିଶଗଡ଼ ସୀମାବର୍ତ୍ତୀ ଗ୍ରାମରେ ଖୋଜାଖୋଜି ଚଳାଇଛି ।

# ବିଜୁଳି ଖୁଣ୍ଟରେ ଧକ୍କାହେଲା ବାଇକ; ଚାଳକ ଗୁରୁତର

**ବାଲିଶଙ୍କରା, ୯ ।୪(ସମିସ):** ତଲସରା ଥାନା ଲୁଲକିଡିହି ପଞ୍ଚାୟତ ଗୀର୍ଜାପଡ଼ା ଖେଳପଡ଼ିଆ ନିକଟ ବିଜୁଳି ଖୁଣ୍ଟରେ ବାଇକ ଧକ୍କା ହେବାରୁ ଚାଳକ ଗୁରୁତର ଆହତ ହୋଇଛନ୍ତି । ସେ ହେଲେ ଲୁଲକିଡିହି ଇଲୋ ଲୋହରା । ସେ ବାଇକ୍‌ରେ ଗାଡାଟୋଲିରୁ ବାହ୍ମଣୀବାହଲ ଯାଉଥିବାବେଳେ ଗୀର୍ଜାପଡ଼ା ଖେଳପଡ଼ିଆ ନିକଟ ବିଜୁଳି ଖୁଣ୍ଟରେ ଭାରସାମ୍ୟ ହରାଇ ଧକ୍କା ହୋଇଥିଲେ । ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସକୁ ଫୋନ କରିଥିଲେ । ତେବେ ଆମ୍ବୁଲାନ୍ସ ଆସିବାରେ ବିଳମ୍ବ ହେବାରୁ ଗ୍ରାମର ସମାଜସେବୀ ଅରୁଣ କୁମାର ସାହୁ ତାଙ୍କ ନିଜ ଗାଡ଼ିରେ ଇଲୋଙ୍କୁ ଡାକ୍ତରଖାନା ନେଇଥିଲେ । ତେବେ ସ୍ୱାସ୍ଥ୍ୟାବସ୍ଥା ଅତ୍ୟନ୍ତ ଗୁରୁତର ଥିବାରୁ ତାଙ୍କୁ ସୁନ୍ଦରଗଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯିବ ବୋଲି ଜଣାପଡ଼ିଛି ।

# ବିପିୟୁଟି ପକ୍ଷରୁ କନ୍‌କ୍ଲେଭ ଆୟୋଜିତ

**ରାଉରକେଲା, ୯ ।୪(ସମିସ):** ବିଜୁ ପଟ୍ଟନାୟକ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି (ବିପିୟୁଟି) ପକ୍ଷରୁ ଏହାର ସମ୍ମିଳନୀ କକ୍ଷରେ ମଙ୍ଗଳବାର ଅନ୍ତର୍ନିହିତ ଆଲୋଚନା ଏବଂ ଉପସ୍ଥାପନା ପାଇଁ ଏକ ପାଠ୍ୟକ୍ରମ କନକ୍ଲେଭ ଆୟୋଜି ହୋଇଛି । କାର୍ଯ୍ୟକ୍ରମରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ବିଦ୍ୟୁଭୂଷଣ ମିଶ୍ର ମୁଖ୍ୟଅତିଥି ଭାବରେ ଯୋଗଦେଇ ବର୍ତ୍ତମାନ ପରିସ୍ଥିତିରେ ପରିଚାଳନା ଅଧ୍ୟୟନର ପାଠ୍ୟକ୍ରମକୁ ସମୃଦ୍ଧ କରିବା ପାଇଁ ତାଙ୍କ ମୂଲ୍ୟବାନ ଅନୁଭୂତି ଏବଂ ଅଭିଜ୍ଞତା ବର୍ଣ୍ଣନା କରିଥିଲେ । ବିପିୟୁଟି କୁଳପତି ପ୍ରଫେସର ଅମିୟ କୁମାର ରଥ ତାଙ୍କ ଅଭିଭାଷଣରେ ଅଭିଜ୍ଞତା ଏବଂ କେସ୍ ଷ୍ଟଡି ଆଧାରିତ ଶିକ୍ଷଣ ବ୍ୟବସ୍ଥା ଉପରେ ଗୁରୁତ୍ୱାରୋପ କରିଥିଲେ । ପ୍ରଫେସର ରଥ କହିଲେ ଯେ ପାଠ୍ୟକ୍ରମ କନକ୍ଲେଭ ସଫଳତା, ଏକାଡେମୀ, ଶିଳ୍ପ ଏବଂ ନୀତି ନିର୍ଣ୍ଣୟକାରୀଙ୍କ ମଧ୍ୟରେ ଅର୍ଥପୂର୍ଣ୍ଣ କଥାବାର୍ତ୍ତା, ଜ୍ଞାନ ବଣ୍ଟନ ଏବଂ ସହଯୋଗ ପାଇଁ ଏକ ପ୍ଲାଟଫର୍ମ ଯୋଗାଇଥାଏ । ଏହି କାର୍ଯ୍ୟକ୍ରମ ବିପିୟୁଟିର ଶିକ୍ଷାରେ ଉତ୍କର୍ଷତା ବୃଦ୍ଧି ଏବଂ ଭବିଷ୍ୟତର ଆହ୍ୱାନ ପାଇଁ ଛାତ୍ରଛାତ୍ରୀଙ୍କୁ ପ୍ରସ୍ତୁତ କରିବା ପାଇଁ ଏକ ପ୍ରତିବଦ୍ଧତାର ପ୍ରମାଣ ବୋଲି ସେ କହିଥିଲେ । ଆଇଆଇଏମ୍ ଅହମଦାବାଦର ଶିକ୍ଷାବିତ୍ ପ୍ରଫେସର ନିହାରିକା ଭୋରା ଏବଂ ଆଇଆଇଏମ୍ ବାଙ୍ଗାଲୋରର ପ୍ରଫେସର ସୁଶାନ୍ତ କୁମାର ମିଶ୍ର ଯୋଗଦେଇ ସେମାନଙ୍କ ଉପସ୍ଥାପନା ସହିତ ପରିଚାଳନା ପାଠ୍ୟକ୍ରମର ପୁନଃ ନିର୍ମାଣ ସହ ଜଡ଼ିତ ଦୃଷ୍ଟିକୋଣ ଉପରେ ଆଲୋକପାତ କରିଥିଲେ ।



କୋରସେରା ପରି ଡିଜିଟାଲ୍ ସ୍କିଲିଂ ପାର୍ଟନରଙ୍କ ପ୍ରତିନିଧି ଏବଂ ଆଇବିଏମ୍ ସ୍କିଲ୍ସ ବିଲ୍ଡର ପ୍ରତିନିଧି ଛାତ୍ରମାନଙ୍କୁ ଉତ୍ସାହିତ କରିବା ପାଇଁ ସେମାନଙ୍କ ପାଠ୍ୟକ୍ରମ ଅଫର୍ ବିଷୟରେ ଉପସ୍ଥାପନ କରିଥିଲେ । କ୍ୟାପଗେମିନିର ଉପାଧ୍ୟକ୍ଷ ବିଶିଷ୍ଟ ଶିଳ୍ପ ପ୍ରତିନିଧି ବାଲା ଥିଆଗାରାଜନ, ପ୍ରତିଭା ଅଧିଗ୍ରହଣର ପୂର୍ବତନ ଡେପୁଟି ଡାଇରେକ୍ଟର ୱିପ୍ରୋର ଡ. ଲଭାନାମ ଅମ୍ବାଲା, ବେଦାନ୍ତ ଲିମିଟେଡ୍‌ର ପୂର୍ବତନ ସିଇଓ ଅଭିଜିତ୍ ପାଟି ଏବଂ ଉପାଧ୍ୟକ୍ଷ ଆରକେ ସିଂ, ଟିଆରଏଲ୍ କ୍ରୋସାକି ମ୍ୟାନେଜମେଣ୍ଟ ଅଧ୍ୟୟନର ପାଠ୍ୟକ୍ରମ ପାଠ୍ୟକ୍ରମର ପୁନଃ ନିର୍ମାଣ ସମ୍ବନ୍ଧରେ ମୂଲ୍ୟବାନ ଏବଂ ଅନ୍ତର୍ନିହିତ ଇନପୁଟ୍ ପ୍ରଦାନ କରି ସେମାନଙ୍କ ବାର୍ତ୍ତା ପ୍ରଦାନ କରିଥିଲେ । ବିପିୟୁଟିର ଅନୁବନ୍ଧିତ କଲେଜ ଏରା ସାମ୍ ଅଧ୍ୟକ୍ଷ ସରୋଜ କୁମାର ସାହୁ, ରିମ୍‌ସ ସଚିବ ଡ. ଆର୍ଯ୍ୟ ପଟ୍ଟନାୟକ, ବିଇଇଟିଏମ୍ ଅଧ୍ୟକ୍ଷ ପ୍ରଫେସର ମିହିର ରଞ୍ଜନ ନାୟକ, ବିପିୟୁଟି ମ୍ୟାନେଜମେଣ୍ଟ ଡିନ୍ ପ୍ରଫେସର ଏସ୍‌ଆର ମହାପାତ୍ର ଏବଂ ଏଏସଏମର ଅଧ୍ୟକ୍ଷ ପ୍ରଫେସର ଶର୍ମିଳା ସୁବ୍ରମଣ୍ୟମ୍ ଯୋଗଦେଇ ସେମାନଙ୍କ ଧାରଣା ଦୃଷ୍ଟିକୋଣ ଉପସ୍ଥାପନ କରିଥିଲେ ।

ଅନ୍ୟମାନଙ୍କ ମଧ୍ୟରେ ବିପିୟୁଟି କୁଳସଚିବ ନିଶି ପୁନମ୍ ମିଞ୍ଜ, ବିପିୟୁଟି ଫାଇନାନ୍ସ ଅଧିକାରୀ ସେବତୀ ଦଣ୍ଡସେନା, ବିପିୟୁଟି ପାଠ୍ୟକ୍ରମ ବିକାଶ ନିର୍ଦ୍ଦେଶକ ପ୍ରଫେସର ସୁଜିତ କୁମାର ଖୁଣ୍ଟିଆ, ପି ଆଣ୍ଡ ଆଇଟି ନିର୍ଦ୍ଦେଶକ ଡ. ସୁଜିତ କୁମାର ଦାଶ, ଡେପୁଟି ରେଜିଷ୍ଟ୍ରାର, ଏବଂ ବିଶ୍ୱବିଦ୍ୟାଳୟର ଅନ୍ୟ ଅଧିକାରୀମାନେ ଏଥିରେ ଅଂଶଗ୍ରହଣ କରିଥିଲେ ।

# ହରିଜନ ସମାଜ ପକ୍ଷରୁ ବିଭିନ୍ନ ସ୍ଥାନରେ ଅଷ୍ଟପ୍ରହର ନାମଯଜ୍ଞ

**ସୁନ୍ଦରଗଡ଼, ୯ ।୪(ସମିସ):** ହରିଜନ ସମାଜ ପକ୍ଷରୁ ବିଭିନ୍ନ ସ୍ଥାନରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଛି । ଏହି ଅବସରରେ ସାମାଜିକ ଭାଇ ଭଉଣୀଙ୍କ ମଧ୍ୟରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା । ଏହା ଅନ୍ୟ ସମାଜ ପାଇଁ ପ୍ରେରଣାର ଉତ୍ସ ସାଜିଛି ।

## ସୁନ୍ଦରଗଡ଼ ନ୍ୟୁ କଲୋନୀ

ସ୍ଥାନୀୟ ରଙ୍ଗାଡିପା ନ୍ୟୁ କଲୋନୀରେ ପ୍ରଥମ ଥର ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଛି । ଲକ୍ଷେଘର ସମାଜ କମିଟି ପକ୍ଷରୁ ଆୟୋଜିତ ଉକ୍ତ ନାମଯଜ୍ଞରେ ସାମାଜିକ ମହିଳା ସହଦେବପଡ଼ା ଇବ ନଦୀରୁ ଜଳକଳସ ଧାରଣ କରି ପୂଜା ମଣ୍ଡପରେ ସ୍ଥାପନା କରିଥିଲେ । ଆଠ ପ୍ରହର ଧରି ଅହୋରାତ୍ର ହରିନାମ ଗାନ ପରେ ନଗର ଭ୍ରମଣ, ଦଧିହାଣ୍ଡି ଭଞ୍ଜନ କରାଯାଇ ସମାପନ କରାଯାଇଥିଲା । ଏହି ନାମଯଜ୍ଞରେ ବଳଦମାଳ, କୁଣ୍ଡୁକେଲା, ଭାଲୁଗାଡ଼, ଖେରାଯୋର, ବାଲିଯୋରୀ, ପାଣ୍ଡେରପାଲି ଓ ମହନ୍ତିଆପଡ଼ାର ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇଥିଲେ । ପ୍ରଦୀପ କୁମାର ବାଗ ଓ ତାଙ୍କ ସହଧର୍ମିଣୀ କିଶୋରୀ ବାଗ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ ।





## ଅବନକେଲା ହରିଜନ କଲ୍ୟାଣ କେନ୍ଦ୍ର

ଟାଙ୍ଗରପାଲି ବ୍ଲକ ଅବନକେଲା ହରିଜନ କଲ୍ୟାଣ କେନ୍ଦ୍ର ପ୍ରାଙ୍ଗଣ କୀର୍ତ୍ତନ ମଣ୍ଡପରେ କେନ୍ଦ୍ର ପକ୍ଷରୁ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଛି । ଇବ୍ ନଦୀରୁ କଳସ ଶୋଭାଯାତ୍ରା ପରେ ଶୁଭ ଅଧିବାସ କରାଯାଇଥିଲା । ୨୪ ଘଣ୍ଟା ଧରି ଅହୋରାତ୍ର ନାମ ସଂକୀର୍ତ୍ତନ ପରେ ନଗର ଭ୍ରମଣ ହୋଇଥିଲା । ଦଧିଭାଣ୍ଡ ଭଞ୍ଜନ ପରେ ପୂର୍ଣ୍ଣାହୁତି ପଡ଼ିଥିଲା । ଏଥିରେ ନକସିଆପାଲି, ରେମଣ୍ଡା, ମଙ୍ଗସପୁର, କୁର୍ଲା, ଲୋଇସିଂ, ତେନ୍ତୁଳିଡିପା ଆଦି ସଂକୀର୍ତ୍ତନ୍ୟ ମଣ୍ଡଳୀ ଯୋଗ ଦେଇଥିଲେ । ସେହିପରି ଡଣେଇପାଲି ଓ ଏଚ.କଣ୍ଟାପାଲି ମଧ୍ୟରେ ବୈଠକୀ କୀର୍ତ୍ତନ ହୋଇଥିଲା । ଏଥିରେ ପୁଲିନ ଗୋସାଇଁ ପୂଜା ଏବଂ କୃଷ୍ଣ ତଣ୍ଡିଆ ଓ ତାଙ୍କ ଧର୍ମପତ୍ନୀ ଯଜମାନ ଦାୟିତ୍ୱ ତୁଲାଇଥିଲେ । ଶେଷଦେବ କଣ୍ଟା, ଡିଲେଶ୍ୱର ତଣ୍ଡିଆ, କୁନା ବାଗ, ଲୋଚନ ତଣ୍ଡିଆ, ରିଙ୍କୁ ଅର୍ଗାଲ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଏହା ଆୟୋଜିତ ହୋଇଥିଲେ ।

# ଗୋଡ଼ାଇ କାମୁଡୁଛନ୍ତି ବୁଲା କୁକୁର

- ସପ୍ତାହରେ ୧୦ରୁ ଊର୍ଦ୍ଧ୍ୱ ଆହତ

**ରାଉରକେଲା, ୯ ।୪(ସମିସ):** ଦିନକୁ ଦିନ ସହରରେ ବୁଲା କୁକୁରଙ୍କ ଆତଙ୍କ ବଢ଼ିବାରେ ବସିଛି । ଅଧିକାଂଶ ସମୟରେ ଲୋକଙ୍କୁ କୁକୁରମାନେ ଗୋଡ଼ାଇ କାମୁଡ଼ିବାରେ ଲାଗିଛନ୍ତି । ଫଳରେ ଲୋକେ ଆହତ ହେବା ସହ ଭୟରେ ଜୀବନ କାଟୁଛନ୍ତି । ସେକ୍ଟର-୭ ଅଞ୍ଚଳରେ ଏବେ ଏଭଳି କୁକୁର ଆତଙ୍କ ଦେଖାଦେଇଛି । ଗତ ଏକ ମାସ ହେଲା ଉକ୍ତ ଅଞ୍ଚଳରେ ବୁଲା କୁକୁରଙ୍କ ଆତଙ୍କ ଖେଳିଯାଇଛି । ଲୋକେ ରାସ୍ତାରେ ଯାଉଥିବା ବା କୁକୁରଙ୍କୁ କୌଣସି କ୍ଷତି ନ ପହଞ୍ଚାଇଥିଲେ ବି ସେମାନେ ଆକ୍ରମଣ କରୁଛନ୍ତି । ସପ୍ତାହକ ମଧ୍ୟରେ ୧୦ରୁ ଊର୍ଦ୍ଧ୍ୱ ଲୋକ କୁକୁର କାମୁଡ଼ାରେ ଆହତ ହୋଇଥିବା ଅଭିଯୋଗ ହୋଇଛି । ସକାଳୁ ରାତି ଯାଏଁ କୁକୁରଙ୍କ ଉତ୍ପାତ ଯୋଗୁଁ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି । ସଂଘବଦ୍ଧ ହୋଇ କୁକୁର ଲୋକଙ୍କୁ ଆକ୍ରମଣ କରୁଛନ୍ତି । ଏଥିପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି ।

## ତଲସରା ନିର୍ବାଚନମଣ୍ଡଳୀସ୍ତରୀୟ ଯୁବ ବିଜେଡି ସମାବେଶ

# ବିନୟ ଓ ଦିଲୀପଙ୍କ ବିଜୟ ପାଇଁ ଯୁବକର୍ମୀଙ୍କ ଶପଥ

**ସୁନ୍ଦରଗଡ଼/ବାଲିଶଙ୍କରା, ୯ ।୪(ସମିସ):** ତଲସରା ବିଧାନସଭା ନିର୍ବାଚନମଣ୍ଡଳୀ ବିଜେଡି ପ୍ରାର୍ଥୀ ଡ. ବିନୟ ଟପ୍ପୋ ଏବଂ ସୁନ୍ଦରଗଡ଼ ଲୋକସଭା ପ୍ରାର୍ଥୀ ଡ. ଦିଲୀପ ତିର୍କୀଙ୍କୁ ବିପୁଳ ଭୋଟ ବ୍ୟବଧାନରେ ବିଜୟୀ କରିବା ପାଇଁ ବିଜୁ ଯୁବ ଜନତା ଦଳ କର୍ମୀ ଶପଥ ନେଇଛନ୍ତି । ତଲସରା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବାଲିଶଙ୍କରା ବ୍ଲକ ତଲସରା-ରେଙ୍ଗାଲି ଡ୍ୟାମ ପିକନିକ ପାର୍କଠାରେ ସୁନ୍ଦରଗଡ଼ ଜିଲ୍ଲା ଯୁବ ବିଜେଡି ସଭାପତି ଦେବେନ୍ଦ୍ର ପ୍ରସାଦ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଯୁବ ସମାବେଶରେ ବିଧାୟକ ପ୍ରାର୍ଥୀ ଡ. ଟପ୍ପୋ ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ସମାଧାନ ଦିଗରେ ଉତ୍ତରଦାୟିତ୍ୱ ରହିବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶଧାରାକୁ ଜାରି ରଖିବାକୁ ପ୍ରତିଶ୍ରୁତି ଦେଇ ଭୋଟଭିକ୍ଷା କରିଥିଲେ । ଏଥିରେ ରାଜ୍ୟ ଯୁବ ବିଜେଡି କାର୍ଯ୍ୟକାରୀ ସଭାପତି ତଥା ତଲସରା ନିର୍ବାଚନମଣ୍ଡଳୀ ସହ ପର୍ଯ୍ୟବେକ୍ଷକ ବୈକୁଣ୍ଠ ନାଏକ ଯୋଗଦେଇ ବିଜେଡି ସରକାର ସମୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା କାର୍ଯ୍ୟକାରୀ ହୋଇଥିବା ବିଭିନ୍ନ ଯୁଗାନ୍ତକାରୀ



କଲ୍ୟାଣମୂଳକ କାର୍ଯ୍ୟକ୍ରମଗୁଡ଼ିକୁ ସାମାଜିକ ଗଣମାଧ୍ୟମ ସହ ଘରକୁ ଘର ବୁଲି ପ୍ରଚାର ପ୍ରସାର କରି ଜନସାଧାରଣ ପାଖରେ ପହଞ୍ଚାଇବାକୁ ଯୁବକର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ । ଏଥିରେ ବାଲିଶଙ୍କରା ପଞ୍ଚାୟତ ସମିତି ଅଧ୍ୟକ୍ଷା କୁଞ୍ଜଲତା ଭିତ୍ରିଆ, ବରିଷ୍ଠ ନେତା ମହମ୍ମଦ ହାରୁନ୍ ରସିଦ, ନୃପଚରଣ ଦଣ୍ଡସେନା, ଜିଲ୍ଲା ପରିଷଦ ସଭ୍ୟ ବିନୋଦ କୁଜୁର, କେଶବ ରଣା, ସୁଦାମ ଭୋଇ, ଅନନ୍ତ ପଟେଲ, ମୁକେଶ ପୁରୋହିତ, ସରୋଜ ସାହୁ, ଦୀପକ ପୃଷେଟ, ରଞ୍ଜନ ସିଂ, ସୁଶିଲ ଗିଧି, ବିସ୍ମୟ ପଟ୍ଟନାୟକ, ସହଦେବ ପ୍ରଧାନ, ଜେନାମଣି କିସାନ, ସଞ୍ଜୟ ବାରିକ, କୃଷ୍ଣଚନ୍ଦ୍ର ସାହୁ, ଜିତେନ୍ଦ୍ର ନାଏକ, ଅମିତ୍ ସାହୁ, ଦିଲୀପ ବାରିକ, ଅଜିତ ସାହୁ, ସୁଦୀପ ସା, କୈଳାସ କଣ୍ଡାରୀ, ବେଲମତି ଧୁରୁଆ, ଆଲକା କୁଜୁର, କୃଷ୍ଣଚନ୍ଦ୍ର ବରୁଆ, ଯୁକ୍ତେଶ୍ୱର ସାହୁ, ବୀର କିସାନ ପ୍ରମୁଖ ନିଜ ବକ୍ତବ୍ୟ ରଖିଥିଲେ । କାର୍ଯ୍ୟକ୍ରମରେ ତଲସରା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବଡ଼ଗାଁ, ଲେଫ୍ରିପଡ଼ା, ସବଡେଗା ଓ ବାଲିଶଙ୍କରା ବ୍ଲକ ଯୁବ ବିଜେଡି କର୍ମକର୍ତ୍ତା, ପଞ୍ଚାୟତ ସଭାପତି ଏବଂ କର୍ମୀମାନେ ଯୋଗଦେଇଥିଲେ ।



# ଟିକଟ ପାଇବା ପରେ ରାଉରକେଲା ପହଞ୍ଚିଲେ ସାରଦା



**ରାଉରକେଲା, ୯ ।୪(ସମିସ)**

ରାଉରକେଲା ବିଧାନସଭା କ୍ଷେତ୍ର ପାଇଁ ବିଜେଡି ପୁନର୍ବାର ସାରଦା ପ୍ରସାଦ ନାୟକଙ୍କୁ ଭରସା କରି ପ୍ରାର୍ଥୀ କରିଛି। ଟିକଟ ପାଇବା ପରେ ପ୍ରଥମ ଥର ମଙ୍ଗଳବାର ରାଉରକେଲା ପହଞ୍ଚିଛନ୍ତି ସାରଦା। ରେଲୱେ ଷ୍ଟେସନ ନିକଟ ସଙ୍କଟ ମୋଚନ ହନୁମାନ ମନ୍ଦିର ପ୍ରାଙ୍ଗଣରେ ସାରଦା ଓ ବିଜେଡିର ଲୋକସଭା ପ୍ରାର୍ଥୀ ପଦ୍ମଶ୍ରୀ ଦିଲୀପ ତିର୍କୀ ପୂଜାର୍ଚ୍ଚନା କରିବା ପରେ ନିର୍ବାଚନ ମଣ୍ଡଳୀରେ ପ୍ରଥମ ଥର ରୋଡ ଶୋ' କରିଥିଲେ। ହଜାର ହଜାର କର୍ମୀ ବିରାଟ ଶୋଭାଯାତ୍ରା କରି ବିଜୁବାବୁ ଅମର ରହେ, ନବୀନ ବାବୁ ଜିନ୍ଦାବାଦ, ଶଙ୍ଖଚିହ୍ନ ଜିନ୍ଦାବାଦ ସମେତ ବିଭିନ୍ନ ସ୍ଲୋଗାନ ଦେଇଥିଲେ। ଏହି ଅବସରରେ ମହାପୁରୁଷ ଉତ୍କଳ ଗୌରବ ମଧୁସୂଦନ ଦାସ, ବିଶ୍ରା ଛକସ୍ଥିତ ସହିଦ ବିର୍ସା ମୁଣ୍ଡା, ରେଲୱେ କଲୋନୀସ୍ଥିତ ଉତ୍କଳମଣି ଗୋପବନ୍ଧୁ ଦାସ, ଉଦିତନଗରସ୍ଥିତ ସମ୍ବିଧାନ ନିର୍ମାତା ଡ. ଭୀମରାଓ ଆମ୍ବେଦକର, ପାନପୋଷସ୍ଥିତ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶେଷରେ ଛେଣ୍ଡ କଳିଙ୍ଗବିହାରସ୍ଥିତ ପ୍ରବାଦପୁରୁଷ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ ଉଭୟ ନେତା। ରାଉରକେଲାର ବିକାଶର ରଥ ମୁଖ୍ୟମନ୍ତ୍ରୀଙ୍କୁ ପୁନର୍ବାର ଷଷ୍ଠଥର ପାଇଁ ମୁଖ୍ୟମନ୍ତ୍ରୀ କରାଇବା ସହ ସାରଦା ନାୟକ ଓ ଦିଲୀପ ତିର୍କୀଙ୍କୁ ଶଙ୍ଖ ଚିହ୍ନରେ ମୋହର ମାରି ବିଜୟୀ କରାଇବା ପାଇଁ ଜନସମାବେଶଙ୍କୁ ନିବେଦନ କରିଥିଲେ। ଶୋଭାଯାତ୍ରା ସମୟରେ ବିଭିନ୍ନ ସ୍ଥାନରେ ସାଧାରଣ ଲୋକେ ସେମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ।

ଏହି ଅବସରରେ ସାରଦା ନାୟକ କହିଛନ୍ତି, ରାଉରକେଲା ସହର କଥା କାହାକୁ ଅଛପା ବା ଅଜଣା ନୁହେଁ। ଏହା ଦିନେ ମୃତ ସହର ଥିଲା। ଲୋକେ ଜମି ବିକିଲେ ମଧ୍ୟ କେହି ଅଧା ମୂଲ୍ୟରେ କିଣିବାକୁ ନ ଥିଲେ। ଆଜି ସେହି ସହର ବିଶ୍ୱକପର ସହର ହୋଇଛି। ପ୍ରଗତିର ସହର ହୋଇଛି। ଇଏ ଭାଇଚାରାର ସହର। ବିଭିନ୍ନ ଶ୍ରେଣୀର ଲୋକେ ଏଠାରେ ବାସ କରନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୋଟିଏ କଥା କୁହନ୍ତି, ଓଡ଼ିଶାର ସାଢ଼େ ୪ କୋଟି ଲୋକଙ୍କର ସେ ହେଉଛନ୍ତି ମୁଖ୍ୟ ସେବକ। ରାଉରକେଲାର ଦମ୍ ଆସିଲେ ରାଉରକେଲାବାସୀଙ୍କ ଦମ୍ ଆସିବ। ଏହି ନୀତି ନିଷ୍ଠାକୁ ନେଇ ମୁଁ କାମ କରିଛି। ମୁଁ ଧନୀ ନୁହେଁ, ମୋ ପାଖରେ ପଇସା ନାହିଁ। କିନ୍ତୁ ଅଛି ରାଉରକେଲାବାସୀଙ୍କ ସ୍ନେହ, ଭଲପାଇବା, ବିଜେଡିର ଆର୍ଶୀବାଦ ଏବଂ

**● ରେଳଷ୍ଟେସନରେ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା**
**● ସାରଦା ଓ ଦିଲୀପଙ୍କ ରୋଡ୍ ସୋ'**

ପ୍ରିୟନେତା ନବୀନ ପଟ୍ଟନାୟକଙ୍କ ଆସ୍ଥା ଓ ବିଶ୍ୱାସ। ଏହା ହେଉଛି ମୋର ଶକ୍ତି। ମୁଁ ଆଜି ସଙ୍କଟ ମୋଚନ ମନ୍ଦିର ପ୍ରାଙ୍ଗଣରୁ ରାଉରକେଲାର ଅଗଣିତ ଯୁବଛାତ୍ର, ବ୍ୟବସାୟୀ, ସବୁ ଧର୍ମାବଲମ୍ବୀଙ୍କୁ ଅନୁରୋଧ କରୁଛି, ଏ ଲଢ଼େଇ ଆପଣଙ୍କର, ମୁଁ ନିମିତ୍ତ ମାତ୍ର। ଆମ ପ୍ରିୟ ମୁଖ୍ୟମନ୍ତ୍ରୀ ରାଉରକେଲାକୁ ବିଶ୍ୱ ଦରବାରରେ ପରିଚିତ କରାଇଛନ୍ତି। ଆସନ୍ତୁ ତାଙ୍କୁ ଷଷ୍ଠ ଥର ମୁଖ୍ୟମନ୍ତ୍ରୀ କରିବାକୁ ଶପଥ ନେବା। ଆମର ଆଦିବାସୀ ଭାଇ ପଦ୍ମଶ୍ରୀ ଦିଲୀପ ତିର୍କୀ। ତାଙ୍କୁ ନେଇ ଏ ମାଟି ଗର୍ବିତ। ଏବେ ସେ ହକି ଇଣ୍ଡିଆର ସଭାପତି। ଦିନେ ହକି ଟିମ୍ କ୍ୟାପଟେନ ଥିଲେ। ଇଏ ଆଦିବାସୀ ପୁଅ। ମୁଖ୍ୟମନ୍ତ୍ରୀ ତାଙ୍କୁ ମଧ୍ୟ ସୁଯୋଗ ଦେଇଛନ୍ତି ଆପଣମାନଙ୍କ ସେବା ପାଇଁ। ବିକାଶର କେବେ ଅନ୍ତ ହୁଏ ନାହିଁ। ବିକାଶ ଚାଲିଛି, ଚାଲିଥିବ। ଶ୍ରେଷ୍ଠ ସହରରେ ପରିଣତ ରାଉରକେଲାକୁ ବିକାଶର ପର୍ବ ନବୀନ ପଟ୍ଟନାୟକଙ୍କ ଆଶୀର୍ବାଦରୁ କେବେ କମ୍ ହୋଇ ନାହିଁ କି ହେବ ନାହିଁ। ବିଜେଡିର ଆଜି ହଜାର ହଜାର ଜନସମୁଦ୍ର ବିରୋଧୀଙ୍କ ପାଇଁ କାଫି। ଏ ମାଟି ଆଦିବାସୀର ମାଟି। ଯେଉଁଠି ଦିନେ ଗୋଟିଏ ଅଷ୍ଟ୍ରୋ ଟର୍ଫ ନ ଥିଲା ଆଜି ୨୨ଟି ଅଷ୍ଟ୍ରୋ ଟର୍ଫ ହୋଇଛି। ଆମେ ଯାହା ସ୍ୱପ୍ନ ଦେଖୁ ତାହାର ୧୦ ଗୁଣା ଆଗକୁ ଯାଇ ମୁଖ୍ୟମନ୍ତ୍ରୀ ଆମକୁ ଦେଇଛନ୍ତି। ସେଇଥି ପାଇଁ ଆମେ କହୁ ସିଏ ହେଉଛନ୍ତି ଆମ ସ୍ୱପ୍ନର ମୁଖ୍ୟମନ୍ତ୍ରୀ ବୋଲି ସାରଦା ତାଙ୍କ ପ୍ରତିକ୍ରିୟାରେ କହିଥିଲେ।



ମନ୍ଦିରରୁ ରୋଡ ଶୋ' ବାହାରି ରିଂ ରୋଡ୍ ଦେଇ ଟିମ୍ବର କଲୋନୀ, ଗୋପବନ୍ଧୁପାଲି, ମାଲଗୋଦାମ, ବାସନ୍ତୀ କଲୋନୀ, ଛେଣ୍ଡ, କଳିଙ୍ଗବିହାର, ଉଦିତନଗର, ଏସଟିଆଇ ଦେଇ ପାନପୋଷଠାରେ ଶେଷ ହୋଇଥିଲା। ଆଜିର କର୍ଯ୍ୟକ୍ରମରେ ନଗର ସଭାପତି ଗଗନ ପଣ୍ଡା, ଜିଲ୍ଲା ସଭାପତି ହାଲୁ ମୁଣ୍ଡାରୀ, ଜୟନ୍ତ କୁମାର ମିଶ୍ର, ଯୁବନେତା ବିଭୂତି ପୁହାଣ, ବୁବୁଲି ରାଉତ, ଡି. ଅଭିକ କୁମାର, ଛାତ୍ରନେତା ରଣପ୍ରତାପ ସିଂହ, ପୂର୍ବତନ ପୌରାଧକ୍ଷା ରଶ୍ମିବାଳା ମିଶ୍ର, ରାଜ୍ୟ ମହିଳା ସାଧାରଣ ସମ୍ପାଦିକା ଆରତି ଚୌଧୁରୀ, ଜୋନ କର୍ଯ୍ୟକାରୀ ସଭାନେତ୍ରୀ ସନ୍ଧ୍ୟା ଲାକ୍ରା, ରାଜ୍ୟ ଆଇନଜୀବୀ ସେଲ ଉପସଭାପତି ସନ୍ତୋଷ ନାୟକ, ସଭାନେତ୍ରୀ ଜ୍ୟୋତ୍ସ୍ନା ନାୟକ, ଅନୁପମ ରାୟ, ପୂର୍ବତନ ସଭାପତି ଆନନ୍ଦ ଚନ୍ଦ୍ର ମହାନ୍ତି, ଆଲୋକ ଚନ୍ଦ୍ର ବୋଷ, ବୁଲୁ ମହାନ୍ତି, ରାଜ୍ୟ ଯୁବ ସାଧାରଣ ସମ୍ପାଦକ ସୁବାସ ସ୍ୱାଇଁ, ଦୁଷ୍ମନ୍ତ ରାଉତରାୟ, ସୁଶାନ୍ତ ଦାସ, ରଞ୍ଜନ ନାୟକ, ବ୍ରିଜେଶ ମାହାତୋ, ବିକାଶ ଜେନା, ପପୁ ଜୟସ୍ୱାଲ, ପିଙ୍କୁ ଜୟସ୍ୱାଲ, ମୀନକେତନ ନାୟକ, ଶରତ ବିଶ୍ୱାଳ, ଶ୍ରୀଚରଣ ମହାନ୍ତି, ସିଦ୍ଧିନାଥ ଜ୍ୟୋତିଷ, ଅଭୟ ଦାସ, ଅକ୍ଷୟ ନାୟକ, ଗଣେଶ ଭୂୟାଁ, ଡା. ଅନିଲ ଜେନା, ସୁରେଶ ମାଝି, ରାଜକିଶୋର ମିଶ୍ର, ବାବୁଲି ଦାସ, ମୁନା ସାମଲ, ରାଜେନ୍ଦ୍ର ଲେଙ୍କା, ବିକ୍ରମ ଟପ୍ପୋ, ସୁନ୍ଦରଗଡ଼ ଜିଲ୍ଲା ପରିଷଦ ଉପସଭାପତି କମଳ ଲାକ୍ରା, ସଞ୍ଜୁ ସାମଲ, ସୁଧାଂଶୁ ସାମଲ, ଐର ମହାନ୍ତି, ଲିଟୁ ପୁହାଣ, ସଞ୍ଜୟ ବବୁଟା, ହରମୋନ ମହାପାତ୍ର, ସୁନୀଲ ଚୌରାସିଆ, ବିନୋଦ ସାହୁ, ସୁଦାମ ଦାଶ, ନୀରଜ ସାହୁ, ସନ୍ତୋଷ ସାହୁ, ଚନ୍ଦ୍ରଶେଖର ବର୍ମା, ପ୍ରଶାନ୍ତ ନାୟକ, ତାରିଣୀ ସେଠୀ, ଗୀତାରାଣୀ ମିଶ୍ର, କବିତା ରଥ, ରଶ୍ମିବାଳା ମିଶ୍ର, ବୀଣାପାଣି ମହାପାତ୍ର, ଆରତି ସାହୁ, ନୀଳିମା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ରାଉରକେଲାରୁ ଲଢ଼ିବେ ଦିଲୀପ ରାୟ: ଜୁଏଲ

**ରାଉରକେଲା, ୯ ।୪ (ସମିସ):** ରାଉରକେଲା ବିଧାନସଭା ଆସନରୁ ଦିଲୀପ ରାୟ ପ୍ରାର୍ଥୀ ହେବା ନେଇ ପ୍ରାୟ ନିଶ୍ଚିତ, ଖାଲି ଘୋଷଣା ବାକି ରହିଛି ବୋଲି ବରିଷ୍ଠ ବିଜେପି ନେତା ତଥା ସୁନ୍ଦରଗଡ଼ ବିଜେପି ସଂସଦ ପ୍ରାର୍ଥୀ ଜୁଏଲ ଓରାମ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସବଡେଗାଠାରେ ଏକ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ସେ ଏହି ସୂଚନା ଦେଇଛନ୍ତି। ବିଜେପିର କେନ୍ଦ୍ରୀୟ କମିଟି ଦିଲୀପ ରାୟଙ୍କ ପ୍ରାର୍ଥିତ୍ୱକୁ ଅନୁମୋଦନ କରିଥିବା ବେଳେ କେତେକ ଆଇନଗତ କାରଣରୁ ଏହା ଘୋଷଣା ହୋଇପାରି ନ ଥିଲା। ଏବେ କୋର୍ଟ ନିର୍ବାଚନ ଲଢ଼ିବା ନେଇ କ୍ଲିଅରାନ୍ସ ଦେବା ପରେ ଦିଲୀପ ରାଉରକେଲାରୁ ନିର୍ବାଚନ ଲଢ଼ିବେ ବୋଲି ଜୁଏଲ କହିଛନ୍ତି। ଜୁଏଲଙ୍କ ଏହି ଘୋଷଣା ପରେ ରାଉରକେଲା ରାଜନୀତି ସରଗରମ ହୋଇଛି। ବିଜେଡି ଶ୍ରମମନ୍ତ୍ରୀ ସାରଦା ପ୍ରସାଦ ନାୟକଙ୍କୁ ରାଉରକେଲାରୁ ପୁଣି ପ୍ରାର୍ଥୀ କରିଥିବା ବେଳେ ଆଜି ସାରଦା ଦଳର ସୁନ୍ଦରଗଡ଼ ଲୋକସଭା ପ୍ରାର୍ଥୀ ଦିଲୀପ ତିର୍କୀଙ୍କ ସହ ରୋଡ୍ ଶୋ' କରିଥିଲେ। ନିଜ ସମର୍ଥକଙ୍କ ସହ ସାରଦା ସହରର ବିଭିନ୍ନ ଅଞ୍ଚଳରେ ନିର୍ବାଚନ ପ୍ରଚାର କରିଥିଲେ। ଅନ୍ୟପକ୍ଷରେ ଦିଲୀପ ରାୟ ବୁଧବାର ଅପରାହ୍ନରେ ଆସି ରାଉରକେଲାରେ ପହଞ୍ଚିବେ। ଏ ନେଇ ଦିଲୀପଙ୍କ ସମର୍ଥକ ବେଶ୍ ଉତ୍ସାହିତ ଅଛନ୍ତି।

## ଅମରେଶ ପଣ୍ଡାଙ୍କ ଉପରୁ ହଟିଲା ନିଲମ୍ବନ ଆଦେଶ

**ରାଜଗାଙ୍ଗପୁର, ୯ ।୪(ସମିସ):** ସୁନ୍ଦରଗଡ଼ ଜିଲ୍ଲା ରାଜଗାଙ୍ଗପୁର ନିର୍ବାଚନମଣ୍ଡଳୀର ଅମରେଶ ପଣ୍ଡାଙ୍କ ଉପରୁ ଦୀର୍ଘ ତିନିବର୍ଷ ପରେ ବିଜେଡି ନିଲମ୍ବନ ଆଦେଶ ପ୍ରତ୍ୟାହାର କରିଛି। ପୂର୍ବତନ ବିଧାୟକ ମଙ୍ଗଳା କିଶାନଙ୍କ ଘନିଷ୍ଠ ସହଯୋଗୀ ତଥା ପୂର୍ବତନ ନଗର ବିଜେଡି ସଭାପତି, ଅଭିଜ୍ଞ ଯୁବନେତା ଅମରେଶଙ୍କ ଉପରୁ ଦଳ ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ମଙ୍ଗଳବାର ନିଲମ୍ବନ ଆଦେଶ ପ୍ରତ୍ୟାହାର କରାଯାଇଥିବା ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ପ୍ରେସ ବିବୃତି ମାଧ୍ୟମରେ ସୂଚନା ଦେଇଛନ୍ତି। ନିଲମ୍ବନ ହଟିବା ପରେ ଅମରେଶଙ୍କ ସମର୍ଥକଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ସୂଚନାଯୋଗ୍ୟ, ନିଲମ୍ବନ ପରେ ମଧ୍ୟ ସେ ଗତ ୩ ବର୍ଷ ହେଲା ଦଳ ପାଇଁ କାର୍ଯ୍ୟ କରିଆସୁଥିଲେ। ତାଙ୍କ ନିଲମ୍ବନ ଆଦେଶ ପ୍ରତ୍ୟାହାର ଆସନ୍ତା ନିର୍ବାଚନରେ ବିଜେଡି ପାଇଁ ଫଳପ୍ରଦ ହେବବୋଲି ରାଜନୈତିକ ମହଲରେ ମତ ପ୍ରକାଶ ପାଇଛି।

## ବନ୍ଧମୁଣ୍ଡାରେ କଂଗ୍ରେସ ପ୍ରାର୍ଥୀଙ୍କ ନିର୍ବାଚନ ପ୍ରଚାର



**ରାଉରକେଲା, ୯ ।୪(ସମିସ):** ମଙ୍ଗଳବାର ସନ୍ଧ୍ୟାରେ ରାଉରକେଲା ନିର୍ବାଚନ ମଣ୍ଡଳୀ କଂଗ୍ରେସ ପ୍ରାର୍ଥୀ ବୀରେନ୍ଦ୍ର ନାଥ ପଟ୍ଟନାୟକ ବନ୍ଧମୁଣ୍ଡା ଗସ୍ତ କରି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବା ସହ ନିର୍ବାଚନ ପ୍ରଚାର ଆରମ୍ଭ କରିଛନ୍ତି। ଏହି ଅବସରରେ ପଟ୍ଟନାୟକ ଡିଜେଲ ଛକସ୍ଥିତ ସହିଦ ସୁଶୀଲ କୁମାର ପାତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ସେଠାରେ ଆୟୋଜିତ କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଯୁବକ, ମହିଳା ତାଙ୍କୁ ସ୍ୱାଗତ ଓ ସମ୍ବର୍ଦ୍ଧନା ଜଣାଇ ପାଛୋଟି ନେଇଥିଲେ। ପରେ ଆନ୍ଧ୍ର କଲଚରାଲ ଆସୋସିଏସନ ପକ୍ଷରୁ ଆୟୋଜିତ ତେଲୁଗୁ ନବବର୍ଷ କାର୍ଯ୍ୟକ୍ରମରେ ଯୋଗଦେଇ ପଟ୍ଟନାୟକ କେନ୍ଦ୍ର ବିଜେପି ସରକାରଙ୍କ ବିଫଳତା ବିଷୟରେ ବିଷୋଦଗାର କରିଥିଲେ। ପରେ ସେ ବନ୍ଧମୁଣ୍ଡା ସି-ସେକ୍ଟରସ୍ଥିତ ମଙ୍ଗଳା ମନ୍ଦିରର ବାର୍ଷିକ ଉତ୍ସବରେ ମଧ୍ୟ ଯୋଗଦେଇଥିଲେ। ଏତଦବ୍ୟତୀତ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମଗୁଡ଼ିକରେ ରାଜ୍ୟ କଂଗ୍ରେସ ସାଧାରଣ ସମ୍ପାଦକ ପ୍ରବୋଧ ଦାସ, ଜିଲ୍ଲା ଛାତ୍ର ସଭାପତି ସୂର୍ଯ୍ୟକାନ୍ତ ବାରିକ, ରାଜ୍ୟ ସଂଖ୍ୟାଲଘୁ ସେଲ ସାଧାରଣ ସମ୍ପାଦକ ସଦ୍ଦାବ ଅହମଦ, ଯୁବନେତା ଶ୍ରୀକୁମାର ନାୟାର, ସୁଦନ ତନ୍ତୀ, ସୁଶୀଲ ମହାତୋ, ସୁଶାନ୍ତ ବେହେରା ଉପସ୍ଥିତ ଥିଲେ।

## ସଫେଇ କର୍ମଚାରୀଙ୍କୁ 'ସ୍ୱଚ୍ଛତା ସ୍ୱାଭିମାନ' ପୁରସ୍କାର ପ୍ରଦାନ

**ରାଉରକେଲା, ୯ ।୪(ସମିସ):** ଆର୍‌ଏସ୍‌ପି ଦ୍ୱାରା ୨୦୨୩-୨୪ ଆର୍ଥିକ ବର୍ଷର ଚତୁର୍ଥ ତ୍ରୟୋମାସ ନିମନ୍ତେ 'ସ୍ୱଚ୍ଛତା ସ୍ୱାଭିମାନ' ପୁରସ୍କାର ସମାରୋହ ରାଉରକେଲା କ୍ଲବରେ ଅନୁଷ୍ଠିତ ହୋଇଛି। ସହର ପ୍ରଶାସନ ଏବଂ ସିଏସଆର ବିଭାଗ ସିଜିଏମ ପ୍ରତାପ କୁମାର ସ୍ୱାଇଁ ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ସବରେ ଅଧ୍ୟକ୍ଷତା କରିଥିଲେ। ସହର ଇଞ୍ଜିନିୟରିଂ ବିଭାଗ ଜିଏମ ଇନ ଚାର୍ଜ ବିକେ ଜୋଜୋ, ସହର ସେବା ବିଭାଗ ଜିଏମ ଇନ ଚାର୍ଜ ଟିଜି କାନେକର ଏବଂ କାରଖାନାର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।




ସିଜିଏମ୍ ସ୍ୱାଇଁ ନିଜ ବକ୍ତବ୍ୟରେ ସ୍ୱଚ୍ଛତା ସ୍ୱାଭିମାନ ଯୋଜନାର ବିଜେତାମାନଙ୍କୁ ଅଭିନନ୍ଦନ ଜଣାଇବା ସହ ସହରର ସ୍ୱଚ୍ଛତା ସହ ଜଡ଼ିତ ପ୍ରତ୍ୟେକ ଦଳର କଠିନ ପରିଶ୍ରମକୁ ପ୍ରଶଂସା କରିଥିଲେ। ସ୍ୱଚ୍ଛ ଭାରତ ସୁସ୍ଥ ଭାରତ ମିଶନ ବିଷୟରେ ଉଲ୍ଲେଖ କରି ସ୍ୱାଇଁ ସହରକୁ ସ୍ୱଚ୍ଛ, ସବୁଜ ଏବଂ ସୁସ୍ଥ ରଖିବା ପାଇଁ ସମସ୍ତଙ୍କୁ ଏହି ମିଶନରେ ଯୋଗଦେବାକୁ ଅନୁରୋଧ କରିଥିଲେ। ସେକ୍ଟର-୬ ଫିଟନେସ ପାର୍କର କ୍ୟାପ୍ଟେନ ପିକେ ତ୍ରିପାଠୀଙ୍କ ନେତୃତ୍ୱରେ ଗ୍ରୁପ ୧ ପ୍ରଥମ ପୁରସ୍କାର ବିଜେତା ହୋଇ ୩୦ ହଜାର ଟଙ୍କାର ପୁରସ୍କାର ରାଶି ଓ ଟ୍ରଫି ହାସଲ କରିଥିଲା। ସେହିଭଳି ଇସ୍ପାତ ଗଜପତି ମାର୍କେଟର କ୍ୟାପଟେନ ଏସକେ ସ୍ୱାଇଁଙ୍କ ନେତୃତ୍ୱରେ ଗ୍ରୁପ ୨ ଦ୍ୱିତୀୟ ପୁରସ୍କାର ବିଜେତା ଭାବେ ୨୫ ହଜାର ଟଙ୍କା ପୁରସ୍କାର ରାଶି ସହ ଟ୍ରଫି ଲାଭ କରିଥିଲେ। କ୍ୟାପଟେନ ବିଶ୍ୱନାଥ ଆଇଚ ଏବଂ ତାଙ୍କ ଦଳ ତୃତୀୟ ପୁରସ୍କାର ବିଜେତା ଭାବେ ୨୦ ହଜାର ଟଙ୍କାର ପୁରସ୍କାର ରାଶି ସହ ଟ୍ରଫି ଅର୍ଜନ କରିଥିଲେ। ଅନ୍ୟ ୭ ଦଳକୁ ସେମାନଙ୍କ ସଫେଇ ଅଭିଜ୍ଞତା ସହଭାଗିତା ନିମନ୍ତେ ମଧ୍ୟ ସୁଯୋଗ ଦିଆଯାଇଥିଲା। ଏହି ଅବସରରେ ପବ୍ଲିକ ରିଲେସନ ବିଭାଗ ସିନିୟର ଟେକ୍ନିସିଆନ ନିରଞ୍ଜନ ଧଳଙ୍କ ନେତୃତ୍ୱରେ ଗଠିତ ଗ୍ରୁପ ୪ର ଅନ୍ୟ ଏକ ଦଳକୁ ସ୍ୱଚ୍ଛତା ଅଭିଯାନରେ ମୂଲ୍ୟବାନ ଅବଦାନ ପାଇଁ ସାନ୍ତ୍ୱନାମୂଳକ ପୁରସ୍କାର ଦିଆଯାଇଥିଲାଲା। ଇସ୍ପାତ ସେଣ୍ଟ୍ରାଲ ୱେଲଫେୟାର ୱିଙ୍ଗର କ୍ୟାପଟେନ ଏସଏସ ସ୍ୱାଇଁ ଏବଂ ଆରଏମଏଚପି ବିଭାଗ ସିନିୟର ଅପରେଟର୍ କ୍ୟାପଟେନ ସୁବୋଧ ଏକ୍କା ଏବଂ ତାଙ୍କ ଦଳଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାରରେ ସମ୍ମାନିତ କରାଯାଇଥିଲା।

ପ୍ରାରମ୍ଭରେ ବାପି ପଲାଇ ଏବଂ ତାଙ୍କ ଦଳଙ୍କ ଦ୍ୱାରା 'ସ୍ୱଚ୍ଛତା' ଉପରେ ଏକ ନାଟକ ମଞ୍ଚସ୍ଥ ହୋଇଥିଲା। ଏହି ସଭାକୁ ଜନସ୍ୱାସ୍ଥ୍ୟ ବିଭାଗ ଡେପୁଟି ସିଏମଓ ଡ. ଦୀପା ଲାଭାଙ୍ଗରେ ସ୍ୱାଗତ କରିଥିବା ବେଳେ ସିଆରଏମ ବିଭାଗର ଅନିଲ ମଲ୍ଲିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଉଲ୍ଲେଖଯୋଗ୍ୟ, ରାଉରକେଲା ଇସ୍ପାତ ସହରାଞ୍ଚଳ ବାସିନ୍ଦାଙ୍କୁ ସେକ୍ଟର ଅଞ୍ଚଳ, ମାର୍କେଟ, ବସ୍ତି ଅଞ୍ଚଳ ଓ ଖୋଲା ଜାଗାଗୁଡ଼ିକରେ କୌଣସି ଅଞ୍ଚଳକୁ ଆପଣାଇ ସଫେଇ ଅଭିଯାନରେ ଅଂଶଗ୍ରହଣ କରି ସ୍ୱଚ୍ଛତା ସ୍ଥାପନ ପାଇଁ ପ୍ରୋତ୍ସାହିତ କରିବା ଆରଏସପି ସ୍ୱଚ୍ଛତା ସ୍ୱାଭିମାନ ପୁରସ୍କାର ଯୋଜନାର ଲକ୍ଷ୍ୟ ରହିଛି। ଏହି ଯୋଜନା ଅନ୍ତର୍ଗତ ସମ୍ପ୍ରତି ୧୦ ଦଳର ସମୁଦାୟ ୧୨୦ ସଦସ୍ୟ ଏହି ଅଭିଯାନରେ ସାମିଲ ଅଛନ୍ତି।

## ପରିବେଶ ସୁରକ୍ଷା, ସଂରକ୍ଷଣ ପାଇଁ ଆର୍‌ଏସ୍‌ପି ପୁରସ୍କୃତ



**ରାଉରକେଲା, ୯ ।୪(ସମିସ):** ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି)ର ଗୋପାବନ୍ଧୁ ଅଡିଟୋରିୟମରେ ଆୟୋଜିତ ବାର୍ଷିକ ପ୍ରଦର୍ଶନ ସମୀକ୍ଷା ଏବଂ ପୁରସ୍କାର କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗକୁ ୨୦୨୩-୨୪ ଆର୍ଥିକ ବର୍ଷରେ ପରିବେଶର ସୁରକ୍ଷା, ସଂରକ୍ଷଣ ତଥା ପୋଷଣରେ ପ୍ରୟାସ ପାଇଁ ପୁରସ୍କୃତ କରାଯାଇଛି। ଖଣି ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଆଲୋକ ବର୍ମା ଏବଂ ବିତ୍ତ ଓ ଲେଖା ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଏକେ ବେହୁରିଆ ଏହି ପୁରସ୍କାର ପ୍ରଦାନ କରିଥିଲେ।

ଉତ୍ତପ୍ତ ଧାତୁ ଟନ୍ ପିଛା ଆପେକ୍ଷିକ ଶକ୍ତି ବ୍ୟବହାର ହ୍ରାସ ପ୍ରୟାସ ପାଇଁ ବ୍ଲାଷ୍ଟ ଫର୍ଣ୍ଣେସ୍ ବିଭାଗ ଶକ୍ତି ସଂରକ୍ଷଣ ପୁରସ୍କାର ଲାଭ କରିଥିଲା। ସେହିଭଳି ପରିବେଶ ପୁରସ୍କାର ବର୍ଗରେ କ୍ୟାପ୍ଟିଭ୍ ପାୱାର ପ୍ଲାଣ୍ଟ-୨ ଆଇରନ୍ ଆଣ୍ଡ ଷ୍ଟିଲ୍ ଜୋନ୍ ତରଫରୁ ଏହି ପୁରସ୍କାର ପାଇଥିବା ବେଳେ ସ୍ପେଶାଲ୍ ପ୍ଲେଟ୍ ପ୍ଲାଣ୍ଟ ରୋଲିଂ ମିଲ୍ ଜୋନ୍ ଏବଂ ବଲାଣି ଓର ମାଇନ୍ସ ଓଡ଼ିଶା ଗ୍ରୁପ୍ ଅଫ୍ ମାଇନ୍ସରୁ ଏହି ପୁରସ୍କାର ଲାଭ କରିଥିଲେ। ପ୍ରଦୂଷଣ ନିୟନ୍ତ୍ରଣ ଉପକରଣର ସ୍ଥିତି, ହାଉସ କିପିଂ, କର୍ମଚାରୀଙ୍କ ମଧ୍ୟରେ ସଚେତନତା ଏବଂ ପରିବେଶ ପ୍ରତି ବିଭାଗର ମନୋଭାବ ଉପରେ ଏହି ମୂଲ୍ୟାଙ୍କନ କରାଯାଇଥିଲା।

ଇସ୍ପାତ କାରଖାନା ଭିତରେ ସବୁଜିମାର ବଳୟକୁ ପରିବ୍ୟାପ୍ତ କରିବାରେ ପ୍ରମୁଖ ଅବଦାନ ରଖିଥିବା ବିଭାଗଗୁଡ଼ିକୁ ଗ୍ରୀନ୍ ସିଲ୍ଡ ପୁରସ୍କାର ପ୍ରଦାନ କରାଯାଇଥିଲା। କଞ୍ଚାମାଲ ହ୍ୟାଣ୍ଡଲିଂ ପ୍ଲାଣ୍ଟ ଏହି ବର୍ଗରେ ପ୍ରଥମ ପୁରସ୍କାର ପାଇଥିବାବେଳେ ସିଲିକନ୍ ଷ୍ଟିଲ୍ ମିଲ୍ ଦ୍ୱିତୀୟ ପୁରସ୍କାର ଲାଭ କରିଥିଲା। ସେହିଭଳି, ସିଣ୍ଟର ପ୍ଲାଣ୍ଟ-୩ ଏବଂ କୋକ୍ ଓଭେନ ବ୍ୟାଟେରୀ ନଂ-୬ ତୃତୀୟ ପୁରସ୍କାର ପାଇଥିବା ବେଳେ କୋଲ୍ଡ ରୋଲିଂ ମିଲ୍ ଚତୁର୍ଥ ପୁରସ୍କାର ଲାଭ କରିଥିଲା। ବଲାଣି ଓର ମାଇନ୍ସକୁ ଓଡ଼ିଶା ଗ୍ରୁପ୍ ଅଫ୍ ମାଇନ୍ସ ତରଫରୁ ପରିବେଶ ସ୍ଥାୟିତ୍ୱ ତଥା ଉତ୍ସର୍ଗୀକୃତ ପ୍ରୟାସ ପାଇଁ ପୁରସ୍କୃତ କରାଯାଇଥିଲା।

## ଆର୍‌ଏସ୍‌ପିରେ ୭ ୬ତମ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳିତ

**ରାଉରକେଲା, ୯ ।୪(ସମିସ):** ଆର୍‌ଏସ୍‌ପି ଅଧୀନ ଇସ୍ପାତ ଜେନେରାଲ ହସ୍ପିଟାଲ (ଆଇଜିଏଚ୍)ରେ ସୋମବାର ୭୬ତମ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଛି। ଏହି ଉପଲକ୍ଷେ ଆୟୋଜିତ ଉତ୍ସବରେ ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଡା. ବିକେ ହୋତା ମୁଖ୍ୟଅତିଥି ରୂପେ ଯୋଗଦେଇଥିଲେ। ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗ ସିଏମଓ ଡା. ଏନପି ସାହୁ, ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗ ସିଏମଓ ତଥା ଇଣ୍ଡିଆନ୍ ମେଡିକାଲ୍ ଆସୋସିଏସନ୍ (ଆଇଏମ୍ଏ) ରାଉରକେଲା ଶାଖା ସଭାପତି ଡା. ପିକେ ମହାପାତ୍ର ଏବଂ ବରିଷ୍ଠ ପରାମର୍ଶଦାତା (ମେଡିକାଲ୍) ତଥା ଆଇଏମଏ ସଚିବ ଡା. ଜେଆର ସାହୁ ମଞ୍ଚାସୀନ ଥିଲେ। ବହୁ ଡାକ୍ତର, ନର୍ସ ଏବଂ ଆଇଜିଏଚ୍ କର୍ମଚାରୀ ଉପସ୍ଥିତ ଥିଲେ।

ଡା. ହୋତା ଚଳିତ ବର୍ଷ ଏହି ଦିବସ ପାଳନର ବିଷୟବସ୍ତୁ 'ମୋ ସ୍ୱାସ୍ଥ୍ୟ, ମୋର ଅଧିକାର' ଏବଂ ବିନା ଭେଦଭାବରେ ପ୍ରତ୍ୟେକ ବ୍ୟକ୍ତିଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇବାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଉତ୍ତମ ସ୍ୱାସ୍ଥ୍ୟ ପ୍ରତ୍ୟେକ ବ୍ୟକ୍ତିର ଅଧିକାର ଏବଂ ସ୍ୱାସ୍ଥ୍ୟସେବା ସମସ୍ତଙ୍କ ପାଇଁ ଉପଲବ୍ଧ ହେବା ଉଚିତ୍ ବୋଲି ସେ କହିଥିଲେ। ପ୍ରାରମ୍ଭରେ ଡା. ପିକେ ମହାପାତ୍ର ସମାବେଶକୁ ସ୍ୱାଗତ କରିଥିଲେ। ମେଡିକାଲ୍ ଅଫିସର (ଆଇଜିଏଚ୍) ଡା. ପ୍ରଜ୍ଞାଜ୍ୟୋତି ରାୟ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।




## ନିମ୍ନମାନର କାମ
# ଷେଣ୍ଟୈପୁର ଛକରୁ ଗୋପିନାଥପୁର ରାସ୍ତା ଶୋଚନୀୟ



**ବଣାଇଁ, ୯ ।୪(ସମିସ)**

ନିମ୍ନମାନର କାମ ଯୋଗୁଁ ୧୪୩ନଂ ଜାତୀୟ ରାଜପଥର ବଣାଇଁ ବ୍ଲକ ଷେଣ୍ଟୈପୁର ଛକ ନିକଟରୁ ଗୋପିନାଥପୁର ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଏ ଦିଗରେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଅଣଦେଖା ଯୋଗୁଁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ନିର୍ମାଣର ମାତ୍ର ବର୍ଷକ ମଧ୍ୟରେ ରାସ୍ତାରୁ ପିଚୁ ଉଠିଯାଇ ଖାଲଖମା ହୋଇଯାଇଛି। ଏଣେ ତେଣେ ମେଟାଲ ସବୁ ବିଛାଡ଼ି ହୋଇ ପଡ଼ିଥିବା ଫଳରେ ଯାତାୟାତରେ ସମସ୍ୟା ହେଉଛି। ନିମ୍ନମାନର କାର୍ଯ୍ୟ ଯୋଗୁଁ ରାସ୍ତା ଅବସ୍ଥା ଏଭଳି ହୋଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ଏହି ରାସ୍ତା ନିର୍ମାଣ ହୋଇଥିଲା। ସାଢ଼େ ୩ କିଲୋମିଟର ଲମ୍ବ ଏହି ରାସ୍ତାରେ ୧୪୫.୮ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥିଲା। ତେବେ ବର୍ଷାଜଳ ନିଷ୍କାସନ ପାଇଁ ଅନେକ ସ୍ଥାନରେ ବ୍ୟବସ୍ଥା ନ ଥିବାରୁ




ରାସ୍ତାକଡ଼ ଧୋଇ ହୋଇଯାଇଛି। ଦୀର୍ଘ ୬ ମାସରୁ ଉର୍ଦ୍ଧ୍ୱ ସମୟ ହେବ ଏନେଇ ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀଙ୍କୁ ସ୍ଥାନୀୟ ଲୋକେ ଜଣାଇଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରି ନ ଥିବା ଜଣାପଡ଼ିଛି। ନିର୍ମାଣ କରିବାର ପାଞ୍ଚବର୍ଷ ପର୍ଯ୍ୟନ୍ତ ସମ୍ପୃକ୍ତ ଠିକାଦାର ରାସ୍ତାର ରକ୍ଷଣାବେକ୍ଷଣ କରିବା ପାଇଁ ୧୩.୪୫ ଲକ୍ଷ ଟଙ୍କା ଅଟକଳ ଥିବା ସତ୍ତ୍ୱେ ଥରକ ପାଇଁ ମଧ୍ୟ ରାସ୍ତା ମରାମତି କରାଯାଇ ନ ଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ। ବିଭାଗୀୟ ଯନ୍ତ୍ରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକା ଯୋଗୁଁ ଲୋକେ ସମସ୍ୟା ଭୋଗୁଛନ୍ତି। ମରାମତି ନ କରି ରକ୍ଷଣାବେକ୍ଷଣ ପାଇଁ ଥିବା ଅର୍ଥକୁ ନେଇ ଲୋକଙ୍କ ମନରେ ସନ୍ଦେହ ସୃଷ୍ଟି ହେଉଛି। ରକ୍ଷଣାବେକ୍ଷଣ ପାଇଁ ଥିବା ଅବଧି ସରିବାକୁ ଆଉ ଅଳ୍ପ କିଛିଦିନ ବାକିଥିବା ବେଳେ ରାସ୍ତାର ଆଉ ମରାମତି ହେବ ନା ନାହିଁ ସେ ନେଇ ଲୋକେ ଆଶଙ୍କାରେ ଅଛନ୍ତି। ଏନେଇ ବିଭାଗୀୟ ଯନ୍ତ୍ରୀଙ୍କ ମତାମତ ନେବାରୁ ସେ ଠିକାଦାରଙ୍କୁ ନୋଟିସ କରିଥିବା କହିଛନ୍ତି।

# ସରକାରୀ ସହାୟତା ଅପେକ୍ଷାରେ ୬୬ ବର୍ଷର ପ୍ରାଥମିକ ବିଦ୍ୟାଳୟ






**କେସିଙ୍ଗା, ୯।୪(ସମିସ):** ରାଜ୍ୟ ସରକାରଙ୍କ '୫-ଟି' ଯୋଜନାରେ ଉଚ୍ଚ ବିଦ୍ୟାଳୟ ଗୁଡ଼ିକର ରୂପାନ୍ତରୀକରଣ କରି ଶିକ୍ଷା ବ୍ୟବସ୍ଥା ସୁଦୃଢ଼ କରୁଥିବା ବେଳେ ସ୍କୁଲରେ ବସି ଛାତ୍ରଛାତ୍ରୀ ସମସ୍ତ ପ୍ରକାର ସୁବିଧା ସୁଯୋଗ ପାଉଛନ୍ତି। ହେଲେ କେସିଙ୍ଗା ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ବଗାଡ ଗ୍ରାମର ୨ ନମ୍ବର ୱାଡରେ ଥିବା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଟି ୧୯୫୮ ମସିହାରେ ସ୍ଥାପିତ ହୋଇଥିଲା । ସେତେବେଳେ ଏହା ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ଥିବା ବେଳେ ବର୍ତ୍ତମାନ ଏହା ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଅଛି । ସମୁଦାୟ ୧୮୧ ଜଣ ଛାତ୍ର ଛାତ୍ରୀ ପଢୁଥିବା ବେଳେ ଶିକ୍ଷକ ଶିକ୍ଷୟତ୍ରୀଙ୍କ ସଂଖ୍ୟା ୭। ବିଦ୍ୟାଳୟରେ ସମୁଦାୟ ୯ଟି କୋଠରୀ ରହିଛି। ୫ଟି କୋଠରୀ ଛାତ ବିଶିଷ୍ଟ ହୋଇଥିବା ବେଳେ ବାକି ୪ଟି ପୁରୁଣା ଆଜବେଷ୍ଟସ୍ ଗୃହ ଅଛି। ୫ଟି ଛାତ ଗୃହ ମଧ୍ୟରୁ ଗୋଟିଏରେ କାର୍ଯ୍ୟାଳୟ, ଦୁଇଟିରେ ଶିକ୍ଷାଦାନ କରାଯାଉଛି। ଆଉ ବଳକା ଦୁଇଟି ଗୃହର ଛାତରୁ ସିମେଣ୍ଟ ଖସୁଥିବାରୁ ସେଠାରେ ଶିକ୍ଷାଦାନ ବନ୍ଦ ରହିଛି। ପୁରୁଣା ୪ ଟି ଗୃହ ମଧ୍ୟରୁ ଗୋଟିକରେ ଅଙ୍ଗନବାଡ଼ି କେନ୍ଦ୍ର ଆଉ ଗୋଟିକରେ ରୋଷେଇ କରାଯାଉଛି। ଏହା ବ୍ୟତୀତ ଆଉ ଦୁଇଟି କୋଠରୀର ଆଜବେଷ୍ଟ ଫାଟି ଆକାଶ ଦେଖାଯାଉଥିବା ବେଳେ କାନ୍ଥ ମଧ୍ୟ କୌଣସି ମୁହୂର୍ତ୍ତରେ ଭୁଶୁଡ଼ି ପଡ଼ିଯିବାର ଭୟ ରହିଛି। ଏହିଭଳି ସମୁଦାୟ ୯ ଟି କୋଠରୀ ମଧ୍ୟରୁ ମାତ୍ର ଦୁଇଟି କୋଠରୀ ହିଁ ବ୍ୟବହାର ଉପଯୋଗୀ। ଏଭଳି ପରିସ୍ଥିତିରେ ଛାତ୍ର ଛାତ୍ରୀ ମାନେ କେମିତି ପାଠ ପଢୁଥିବେ ତାହା ଅଭିଭାବକଙ୍କ ମନରେ ଆଶଙ୍କା ସୃଷ୍ଟି କରିଛି । ଏଠାରେ ପ୍ରକାଶ ଥାଉ କି ଗତ ପୌର ନିର୍ବାଚନ ପରେ କେସିଙ୍ଗା ଏନ୍‌ଏସି ପକ୍ଷରୁ ବିଦ୍ୟାଳୟର ନୂତନ କୋଠରୀ ପାଇଁ ୨ ଲକ୍ଷ ଟଙ୍କା ଅନୁଦାନ ମଞ୍ଜୁର ହୋଇଥିବା ବେଳେ ପରେ ଆହୁରି ୩ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। କିନ୍ତୁ କାର୍ଯ୍ୟ ଆରମ୍ଭ ପୂର୍ବରୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ପୂର୍ତ୍ତ ବିଭାଗକୁ କାମ ହସ୍ତାନ୍ତର କରାଯାଇଥିବା ଏନ୍‌ଏସି ଅଧ୍ୟକ୍ଷ କହିଛନ୍ତି। କିନ୍ତୁ ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ଏ ବିଷୟରେ କିଛି ଜାଣି ନ ଥିବା ପ୍ରକାଶ କରିଛନ୍ତି । ୱାର୍ଡ ବାସୀଙ୍କ କହିବାନୁସାରେ ଭିତ୍ତିଭୂମିର ଅଭାବ ନ ଥିବା ଏହି ୬୬ ବର୍ଷ ପୁରୁଣା ସରକାରୀ ବିଦ୍ୟାଳୟକୁ ରୂପାନ୍ତରୀତ କାର୍ଯ୍ୟକ୍ରମରେ ସାମିଲ କରି ବିଦ୍ୟାଳୟକୁ ରୂପାନ୍ତରୀତ କଲେ ଛାତ୍ର ଛାତ୍ରୀମାନେ ଉପକୃତ ହେବା ସହିତ ଏହି ପୁରାତନ ବିଦ୍ୟାଳୟ ତାହାର ଇତିହାସ ବଞ୍ଚାଇ ରଖିବାରେ ସହାୟ ହୁଅନ୍ତା ବୋଲି ଅଞ୍ଚଳବାସୀ ମତବ୍ୟକ୍ତ କରିଛନ୍ତି।

**ଭିତ୍ତିଭୂମିର ଅଭାବ ନାହିଁ, ଅଧିକାରୀଙ୍କ ଆନ୍ତରିକତାର ଅଭାବ**

**'୫-ଟି' ବିଦ୍ୟାଳୟ ରୂପାନ୍ତରିତ କାର୍ଯ୍ୟକ୍ରମରେ ସାମିଲ ପାଇଁ ୱାର୍ଡବାସୀଙ୍କ ଦାବି**

# ଗୋଲାମୁଣ୍ଡା ଥାନା ଅଞ୍ଚଳରେ ପୁଲିସ୍‌ର ଫ୍ଲାଗ୍‌ମାର୍ଚ୍ଚ



**କେଗାଁ, ୯।୪(ସମିସ):** ଆସନ୍ତା ନିର୍ବାଚନକୁ ଦୃଷ୍ଟିରେ ରଖି ଗୋଲାମୁଣ୍ଡା ଥାନା ଅନ୍ତର୍ଗତ ଗୋଲାମୁଣ୍ଡା ଓ ମାନଝରୀ ଗ୍ରାମର୍ଙ୍ଗଳବାର ପୁଲିସ ପକ୍ଷରୁ ଫ୍ଲାଗମାର୍ଚ୍ଚ କରାଯାଇଛି।

ଥାନା ଅଧିକାରୀ ଶ୍ୱେତପଦ୍ମା ସେଠ୍‌ଙ୍କ ନେତୃତ୍ୱରେ ୧ ପ୍ଲାଟୁନ ସିଆର୍‌ପି ଯବାନ ଓ ୧ ପ୍ଲାଟୁନ ଆଇଆର୍‌ବି ଯବାନ ଏବଂ ଗୋଲାମୁଣ୍ଡା ଥାନା ଷ୍ଟାଫ୍ ମିଳିତ ଭାବେ ଗୋଲାମୁଣ୍ଡା ଓ ମାନଝରୀ ଗ୍ରାମରେ ଫ୍ଲାଗ୍‌ମାର୍ଚ୍ଚ କରିଥିଲେ। ପୁଲିସ ପ୍ରତି ସମ୍ବେଦନଶୀଳ ଓ ଶୃଙ୍ଖଳିତ ନିର୍ବାଚନ ଆଦର୍ଶ ଆଚରଣବିଧି ଉପରେ ଜନସାଧାରଣଙ୍କୁ ଅବଗତ ଏହାର ମୂଳଲକ୍ଷ୍ୟ ଥିଲା। ସାମ୍ବାଦିକ ରାଇଚନ ଅଗ୍ରୀଆ ଏବଂ ପଙ୍କଜ ସାହୁଙ୍କ ପକ୍ଷରୁ ଯବାନମାନଙ୍କୁ ଲେମ୍ବୁପାଣିର ବ୍ୟବସ୍ଥା କରାଯାଇଥିଲା।

## ବାଇକ ଦୁର୍ଘଟଣାରେ ଛାତ୍ର ମୃତ

**ସୁନ୍ଦରଗଡ଼, ୯।୪(ସମିସ):** ସୁନ୍ଦରଗଡ଼ ସଦର ଥାନା ଅନ୍ତର୍ଗତ କିରେଇ କୃଷି ବିଜ୍ଞାନ କେନ୍ଦ୍ର ନିକଟରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ବାଇକ ଚାଳକ ତଥା ଛାତ୍ର ରୋହିତ ବାର୍ଲା (୧୯)ଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୨ ସହପାଠୀ ଗୁରୁତର ଆହତ ହୋଇଛନ୍ତି। ଏକ ବାଇକ୍ ଯୋଗେ କିରେଇ ପଟୁ ୩ ଛାତ୍ର ନିଜ କଲେଜକୁ ଯାଉଥିବାବେଳେ ଗାଡ଼ି ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ସ୍ଥାନୀୟ ଲୋକେ ଏମାନଙ୍କୁ ଉଦ୍ଧାର କରି ସୁନ୍ଦରଗଡ଼ ସରକାରୀ ଡାକ୍ତରକାନାରେ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ରୋହିତଙ୍କୁ ଡାକ୍ତର ମୃତ ଘୋଷଣା କରିଛନ୍ତି। ରୋହିତଙ୍କ ବାପା ଡାନିଏଲ ବାର୍ଲାଙ୍କ ଅଭିଯୋଗ କ୍ରମେ ଏ ନେଇ ପୁଲିସ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଅନ୍ୟ ଦୁଇ ଛାତ୍ରଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ବୁର୍ଲା ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ତେବେ ଆହତ ଦୁଯଙ୍କ ପରିଚୟ ଜଣାପଡ଼ିନାହିଁ।

**୨ ସହପାଠୀ ଗୁରୁତର**

## ଦୁର୍ଘଟଣାରେ ଆହତ ଯୁବକଙ୍କ ମୃତ୍ୟୁ

**ସୁନ୍ଦରଗଡ଼, ୯।୪(ସମିସ):** ଝାରସୁଗୁଡ଼ା ଲଇକେରା ଥାନା ଅଞ୍ଚଳରେ ଏକ ବାଇକ ଦୁର୍ଘଟଣାରେ ଗୁରୁତର ଆହତ ହୋଇ ସୁନ୍ଦରଗଡ଼ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଭଷ୍ମା ଥାନା କିଞ୍ଜିର୍ମା ଗ୍ରାମର ସୁଜିତ ପଟେଲ। ସୁଜିତ କୌଣସି କାମରେ ଲଇକେଲା ଅଞ୍ଚଳକୁ ବାଇକରେ ଯାଇ ଫେରୁଥିବା ବେଳେ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ସୁନ୍ଦରଗଡ଼ ଜିଲ୍ଲା ମୁଖ୍ୟ ଡାକ୍ତରଖାନା ପଠାଇଥିଲେ। ମାତ୍ର ସେଠାରେ ତାଙ୍କ ମୃତ୍ୟୁ ଘଟିଛି। ଏ ନେଇ ଟାଉନ ଥାନା ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସେପଟେ ଲଇକେରା ଥାନାରେ ଦୁର୍ଘଟଣା ମାମଲା ରୁଜୁ ହୋଇଛି।

## କକା ଟାଙ୍ଗିଆ ଚୋଟରେ ପୁତୁରା ଗୁରୁତର

**ସୁନ୍ଦରଗଡ଼, ୯।୪(ସମିସ):** ବନଡେଗା ଫାଣ୍ଡି ଅନ୍ତର୍ଗତ ଲୁଲୁକିଡିହି ଗ୍ରାମରେ କକା ଟାଙ୍ଗିଆ ଚୋଟରେ ପୁତୁରା ଗୁରୁତର ଆହତ ହୋଇଛନ୍ତି। ଗ୍ରାମର ନରେନ୍ଦ୍ର ସାଏ ଓ ତାଙ୍କ ପୁତୁରା ଦୀନେଶ ସାଏଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ନରେନ୍ଦ୍ର ଉତକ୍ଷିପ୍ତ ହୋଇ ଦୀନେଶଙ୍କୁ ଟାଙ୍ଗିଆରେ ଆକ୍ରମଣ କରିଥିଲେ। ଏଥିରେ ସେ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ସୁନ୍ଦରଗଡ଼ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏ ନେଇ ଥାନାରେ ଅଭିଯୋଗ ପରେ ପୁଲିସ ନରେନ୍ଦ୍ରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ସ୍ଥାନୀୟ ଜେଲ ପଠାଇ ଦିଆଯାଇଛି।

**ଅଭିଯୁକ୍ତ ଗିରଫ**

## ୫ ଟ୍ରକ୍ ବ୍ୟାଟେରୀ ଜବତ, ଅଭିଯୁକ୍ତ ଗିରଫ

**ରାଉରକେଲା, ୯।୪(ସମିସ):** ଟ୍ରକ୍ ବ୍ୟାଟେରୀ ଚୋରି ଅଭିଯୋଗରେ ବନ୍ଧମୁଣ୍ଡା ଥାନା ପୁଲିସ ସେକ୍ଟର-୨୧ ରାମେଶ୍ୱରପାଲିର ବିକି ରଞ୍ଜନ ପଟ୍ଟନାୟକ (୨୯)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ତାଙ୍କଠାରୁ ୫ଟି ବ୍ୟାଟେରୀ ଜବତ କରାଯାଇଛି। ପୁଲିସ ସୂଚନା ମୁତାବକ, ହୋଲି ଉପଲକ୍ଷେ ଚାଳକ ଛୁଟିରେ ଥିବା ବେଳେ ଗତ ମାସ ୨୩ ତାରିଖ ଏହି ଥାନା ଅନ୍ତର୍ଗତ କୁମ୍ଭାର ବସ୍ତି ସମ୍ମୁଖ ଖାଲି ସ୍ଥାନରେ ଟ୍ରକ୍ ପାର୍କିଂ କରିଥିଲେ। ବିଳମ୍ବିତ ରାତିରେ ବ୍ୟାଟେରୀ ଚୋରି ହୋଇଥିଲା। ଏନେଇ ସେକ୍ଟର-୨ ଓଏସଆରଟିସି କଲୋନୀରେ ରହୁଥିବା ଟ୍ରକ୍ ମାଲିକ ସନ୍ତୋଷ କୁମାର ଜେନା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଘଟଣାର ତଦନ୍ତ କରି ମଙ୍ଗଳବାର ଅଭିଯୁକ୍ତ ବିକିଙ୍କୁ ଗିରଫ କରିଛି। ପଚରାଉଚରା ବେଳେ ଅନ୍ୟ ୪ଟି ଟ୍ରକରୁ ମଧ୍ୟ ସେ ବ୍ୟାଟେରୀ ଚୋରି କରିଥିବା ପୁଲିସ ନିକଟରେ ସ୍ୱୀକାର କରିଥିଲା।

## ହେଲମେଟ ଚେକିଂ: ଜରିମାନା ଆଦାୟ

**ରାଉରକେଲା, ୯।୪(ସମିସ):** ସ୍ଥାନୀୟ ଟାଙ୍ଗରପାଲ୍ଲୀ ଥାନା ଅନ୍ତର୍ଗତ ଆଇଡିଏଲ୍ କଲୋନୀ ଛକ ନିକଟରେ ମଙ୍ଗଳବାର ସନ୍ଧ୍ୟାରେ ଆଇଆଇସି ରାମେଶ୍ୱର ସିଂହଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଯାନବାହାନ ଯାଞ୍ଚ କରାଯାଇଥିଲା। ବିନା ହେଲମେଟରେ ବାଇକ୍ ଚାଳନା କରିଥିବା ୧୮ ଜଣ ବାଇକ ଚାଳକଙ୍କଠାରୁ ୧୮ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି।

## ଡାହାଣୀ ସନ୍ଦେହରେ ନିର୍ଯାତନା ଅଭିଯୋଗ

**ସୁନ୍ଦରଗଡ଼, ୯।୪(ସମିସ):** ଡାହାଣୀ ସନ୍ଦେହରେ ନିର୍ଯାତନା ନେଇ ତଳସରା ଥାନାରେ ଅଭିଯୋଗ ହୋଇଛି। ସିମଡେଗା ଗ୍ରାମର ସୂରଜ ଟପ୍ପୋଙ୍କ ବାପା ଲାଜରୁସ ଟପ୍ପୋଙ୍କ ଦେହ ବାରମ୍ବାର ଅସୁସ୍ଥ ହେଉଛି। ଗ୍ରାମର ଜଣେ ମହିଳାଙ୍କ ଗୁଣିଗାରେଡ଼ି ଯୋଗୁଁ ତାଙ୍କ ବାପା ଅସୁସ୍ଥ ହେଉଥିବା ସୂରଜ ସନ୍ଦେହ କରି ସମ୍ପୃକ୍ତ ମହିଳା ଏବଂ ତାଙ୍କ ସ୍ୱାମୀଙ୍କୁ ଗାଳିଗୁଲଜ କରିଥିଲେ। ମହିଳାଙ୍କ ସ୍ୱାମୀ ଏ ନେଇ ଥାନାରେ ଏତଲା ଦେବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ବଜ୍ରପାତରେ ୪ ଗୋରୁ ମୃତ

**ନୂଆପଡା/କୋମନା, ୯।୪(ସମିସ):** ନୂଆପଡା ଜିଲ୍ଲା କୋମନା ଥାନା ଅଧୀନ ସୁନାବେଡା ଅଭୟାରଣ୍ୟସ୍ଥିତ କୁଟୁରାବେଡା ଗାଁରେ ବଜ୍ରପାତରେ ୩ଜଣ ଚାଷୀଙ୍କ ୪ଗୋରୁଙ୍କ ଜୀବନ ଯାଇଛି। ସୋମବାର ବିଳମ୍ବିତ ରାତ୍ରିରେ ସୁନାବେଡାରେ ପ୍ରବଳ ବର୍ଷା ସହ କରାମାଡ ହୋଇଥିଲା। ହଠାତ ବଜ୍ରପାତ ହେବାରୁ ଗୁହାଳରେ ଥିବା ଗୋରୁଙ୍କ ମୃତ୍ୟୁ ଘଟିଥିଲା। ଗାଁର ଡାଳ ସିଂ ଭୁଞ୍ଜିଆ, ଶଙ୍କର ଭୁଞ୍ଜିଆ ଏବଂ ମନିରାମ ଭୁଞ୍ଜିଆଙ୍କ ୪ଟି ଗୋରୁଙ୍କ ଜୀବନ ଯାଇଛି। ଏହି ଖବର ପାଇ ପ୍ରାଣୀ ଚିକିତ୍ସା ବିଭାଗ କର୍ମଚାରୀ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ କରିଥିଲେ।

**ସିନାପାଲିରେ ବିଜେଡିର ସଂକଳ୍ପ ସମାବେଶ**

# ବିଧାୟକ ଓ ସାଂସଦ ପ୍ରାର୍ଥୀଙ୍କୁ ବିଜୟୀ କରାଇବାକୁ ସଂକଳ୍ପ






**ସିନାପାଲି, ୯।୪(ସମିସ):** ନୂଆପଡା ଜିଲ୍ଲା ସିନାପାଲିରେ ବିଜେଡିର ସଂକଳ୍ପ ସମାବେଶ ଅନୁଷ୍ଠିତ ହୋଇଯାଇଛି। ସିନାପାଲି ବ୍ଲକ ବିଜୁ ଜନତା ଦଳ ସଭପତି ଗରୁଡ଼ଧ୍ୱଜ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାବେଶରେ ସାଂସଦ ପ୍ରାର୍ଥୀ ଲମ୍ବୋଦର ନିଆଲ ଓ ବିଧାୟକ ପ୍ରାର୍ଥୀ ଅଧିରାଜ ପାଣିଗ୍ରାହୀ ଯୋଗ ଦେଇଥିଲେ। ନୂଆପଡ଼ା ଜିଲ୍ଲାପରିଷଦ ଅଧ୍ୟକ୍ଷା ଡଲି ମାଝି, ଜିଲ୍ଲା ସଭାପତି ମନୋଜ ମିଶ୍ର, ଜିଲ୍ଲାପରିଷଦ ସଦସ୍ୟା ପୁଷ୍ପାଞ୍ଜଳି ଗୁଆଲ, ଅନ୍ୟତମ ଜିଲ୍ଲା ପରିଷଦ ସଦସ୍ୟା ଯଜ୍ଞସେନି କଟ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଚିତ୍ତରଞ୍ଜନ ବେହେରା, ସିନାପାଲି ବ୍ଲକ ସମ୍ପାଦକ ଦଇତାରୀ ମେହେର, ଜିଲ୍ଲା ଯୁବ ସଭାପତି ଅମିତ ସିଂଦେଓ, ଖଡିଆଳ ବ୍ଲକ ସଭାପତି ମାଲ୍ୟବନ୍ତ ସୁନା, ସିନାପାଲି ବ୍ଲକ ସରପଞ୍ଚ ସଙ୍ଘ ସଭାପତି ଖୁଟୁରାମ ସୁନାନୀ, ଗୋଦାବରିଶ ନାଏକ, ଜୟପାଲ ନାଗ, ଜିଲ୍ଲା ମହିଳା ସଭାନେତ୍ରୀ ସରସ୍ୱତୀ ବାଗ, ସୁବାସ ଅଗ୍ରୱାଲ, କିଶୋର କୁମାର, ବିରେନ୍ଦ୍ର ଖମାରୀ, ତନୟା ଶବର, ଜ୍ୟୋତି ପ୍ରକାଶ ସିଂ, ଉଦିତ ନାରାୟଣ ଖର୍ସେଲ ସମେତ ଅନେକ ଉପସ୍ଥିତ ରହି ଉଭୟ ସାଂସଦ ପ୍ରାର୍ଥୀ ଲମ୍ବୋଦର ନିଲ ଓ ବିଧାୟକ ପ୍ରାର୍ଥୀ ଅଧିରାଜ ପାଣିଗ୍ରାହୀଙ୍କୁ ବିଜୟୀ କରାଇବାକୁ ସଂକଳ୍ପ ନେଇଥିଲେ।

## ବିଜୟ କାମନା କଲେ ସାଂସଦ, ବିଧାୟକ ପ୍ରାର୍ଥୀ



**ସିନାପାଲି, ୯।୪(ସମିସ):** ସାଧାରଣ ନିର୍ବାଚନ ଯେତିକି ପାଖେଇ ଆସୁଛି ରାଜନୀତି ସେତେ ସରଗରମ ହେବାରେ ଲାଗିଛି। ଓଡ଼ିଶା ମାନଚିତ୍ରରେ ଖଡିଆଳ ନିର୍ବାଚନ ମଣ୍ଡଳୀ ଏକ ପ୍ରମୁଖ ରାଜନୈତିକ କ୍ଷେତ୍ର ହୋଇଥିବା ବେଳେ ଏଠାରେ ନିର୍ବାଚନୀ ତାତି ବେଶ ଉଷ୍ମ ହୋଇ ପଡ଼ିଛି। ବିଭିନ୍ନ ପ୍ରାର୍ଥୀ ରାଜନୀତି ମଇଦାନକୁ ଓହ୍ଲାଇ ଥିବା ବେଳେ ଦେବା ଦେବୀ ପୀଠରେ ନିଜର ବିଜୟ କାମନା କରୁଛନ୍ତି। ଏହି ଅବସରରେ ବିଜେଡ଼ିର କଳାହାଣ୍ଡି ସାଂସଦ ପ୍ରାର୍ଥୀ ଲମ୍ବୋଦର ନିଆଲ ଓ ବିଧାୟକ ପ୍ରାର୍ଥୀ ଅଧିରାଜ ପାଣିଗ୍ରାହୀ ସିନାପାଲି ବ୍ଲକରେ ପ୍ରଚାର କରି ଦିଅଁ ଦର୍ଶନ କରିଛନ୍ତି। ସିନାପାଲି ସହରରେ ଥିବା ଗାୟତ୍ରୀ ପ୍ରଜ୍ଞା ପୀଠ, ଜଗନ୍ନାଥ ମନ୍ଦିର ଓ ମା ମହୁଲ ଗୋଛେନଙ୍କ ଆଶୀର୍ବାଦ ନେଇଛନ୍ତି। ସିନାପାଲି ପହଞ୍ଚିବା ପରେ ଶତାଧିକ କର୍ମୀ, ସମର୍ଥକ ଓ ଜନସାଧାରଣ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବା ସହ ବିଜୟ କାମନା କରିଥିଲେ।

## ରାଜ୍ୟ ଗୁଇନ୍ଦା ବିଭାଗର ନିର୍ବାଚନୀ ସ୍ଥିତି ଅନୁଧ୍ୟାନ

**ନୂଆପଡା, ୯।୪(ସମିସ):** ନୂଆପଡା ଭଳି ଏକ ବଣପାହାଡ ଘେରା ଉପାନ୍ତ ଜିଲ୍ଲାରେ ସାଧାରଣ ନିର୍ବାଚନକୁ ଶୃଙ୍ଖଳିତ ତଥା ଅବାଧ କରିବାକୁ ଜିଲ୍ଲା ତଥା ରାଜ୍ୟ ପୁଲିସ ପ୍ରଶାସନ ଅହରହ ଧ୍ୟାନ ଦେଉଛି। ଏହି ପରିପେକ୍ଷୀରେ ରାଜ୍ୟ ଗୋଇନ୍ଦା ବିଭାଗର ଏକ ଟିମ୍ ଜିଲ୍ଲା ଗସ୍ତ କରି ବିଭିନ୍ନ ସ୍ଥିତି ଅନୁଧ୍ୟାନ କରବା ସହ ସ୍ଥିତି ସମୀକ୍ଷା କରିଛି। ରାଜ୍ୟ ଗୋଇନ୍ଦା ବିଭାଗ ନିର୍ଦ୍ଦେଶକ ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କ ନେତୃତ୍ୱରେ ଏକ ଟିମ୍ ନୂଆପଡାରେ ଆସି ପହଞ୍ଚିଲା ପରେ ପ୍ରଥମେ ମଧ୍ୟାହ୍ନ ୧୨ଟାରୁ ୨ଟା ଯାଏଁ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟରେ ଜିଲ୍ଲାରେ ନିର୍ବାଚନ ସ୍ଥିତି ଉପରେ ସମୀକ୍ଷା କରିଥିଲେ। ଏଥିରେ ଦେବଦତ୍ତ ସିଂ, ଦକ୍ଷିଣାଞ୍ଚଳ ଡିଆଇଜି ଚରଣ ସିଂ ମୀନା, ସିଆରପିଏଫ୍ କମାଣ୍ଡାଣ୍ଟ ଏରିକ ଗିଲବର୍ଟ ଯୋସଙ୍କ ସହ ନୂଆପଡା ଏସ୍‌ପି ଜି.ଆର.ରାଘବେନ୍ଦ୍ର ପ୍ରମୁଖ ଯୋଗ ଦେଇଥିଲେ। ନୂଆପଡା ଜିଲ୍ଲାରେ ଆଇନଶୃଙ୍ଖଳା ପରିସ୍ଥିତି ସହ ମାଓ ପ୍ରବଣ ଜିଲ୍ଲା ହେତୁ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥଲା। ଏହା ପରେ ସୁନାବେଡା ଅଭୟାରଣ୍ୟ ଅଞ୍ଚଳରେ ଥିବା ସିଆରପିଏଫ କ୍ୟାମ୍ପକୁ ବୁଲି ଦେଖିଥିଲେ। ଯବାନମାନଙ୍କ ସହ ମିଶି ସେମାନଙ୍କୁ ଅଧିକାରୀମାନେ ସୁବିଧା ଅସୁବିଧା ପଚାରି ବୁଝିଥିଲେ।

**ଦୁଇ ଘଣ୍ଟା ଧରି ସମୀକ୍ଷା**

# ୫ ଦିନରେ ଥରେ ମିଳୁଛି ପାଣି

**କୋମନା, ୯।୪(ସମିସ):** ରାଜ୍ୟ ସରକାର ଲୋକଙ୍କ ପାନୀୟ ଜଳ ନିମନ୍ତେ ବସୁଧା ଯୋଜନା ମାଧ୍ୟମରେ ପ୍ରତ୍ୟେକ ଘରକୁ ମାଗଣା ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରିଛନ୍ତି। କୋମନା ବ୍ଲକ୍ ଗୋଇଯୋର, ରଘୁପାଲି ଓ ଆଗ୍ରେନ ଗାଁରେ କୋଟି କୋଟି ଟଙ୍କାର ବସୁଧା ଯୋଜନା ପ୍ରକଳ୍ପ ଥାଇ ମଧ୍ୟ ସେଠାରେ ପାନୀୟ ଜଳର ଉତ୍କଟ ସମସ୍ୟା ଦେଖିବାକୁ ମିଳିଛି। ଲୋକେ ପାନୀୟଜଳ ପାଇଁ ତହକ ବିକଳ ହେଉଛନ୍ତି। ଏ ନେଇ ବିଭାଗୀୟ ଅଧିକାରୀଙ୍କୁ ଦୃଷ୍ଟିଗୋଚର କରାଯାଇଥିଲେ ହେଁ ଅଧିକାରୀଙ୍କ ଚରମ ଅବହେଳା ଯୋଗୁଁ ଲୋକଙ୍କୁ ପାଇପ ପାଣି ନିଅଣ୍ଟ ହେଉଛି। ବିଶେଷକରି ଗୋଇଯୋର ବସୁଧା ଯୋଜନାରୁ ୩ଟି ଗାଁକୁ ପାନୀୟ ଜଳ ଯୋଗାଣ ହେଉଛି। ଗୋଇଯୋର, ରଘୁପାଲି ଓ ଆଗ୍ରେନ ଗାଁରେ ୨ ହଜାର ଲୋକ ବସବାସ କରୁଥିବା ବେଳେ ଏହି ପ୍ରକଳ୍ପ ଉପରେ ହିଁ ପାନୀୟ ଜଳର ଭରସା କରନ୍ତି; କିନ୍ତୁ ଏହି ପ୍ରକଳ୍ପରୁ ଠିକ ଭାବରେ ପାଣି ଯୋଗାଣ ହେଉନି। ଏଣୁ ୫ ଦିନରେ ଥରେ ପାଣି ପାଉଥିବା ଗ୍ରାମବାସୀ ଅଭିଯୋଗ କରୁଛନ୍ତି; ହେଲେ ଜଳ ଯୋଗାଣ ବିଭାଗ ତିଳେମାତ୍ର ଗ୍ରାମବାସୀଙ୍କ ଅଭିଯୋଗକୁ କର୍ଣ୍ଣପାତ କରୁନି।

- ଗୋଇଯୋରରେ ବସୁଧା ଯୋଜନା ବିଫଳ
- ୩ ଗାଁରେ ପାନୀୟ ଜଳର ଉତ୍କଟ ସମସ୍ୟା



### ସେମାନେ ଯାହା କହନ୍ତି...



ଗୋଇଯୋର ବସୁଧା ଯୋଜନାରୁ ୩ଟି ଗାଁକୁ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ହେଉଛି; ହେଲେ ଥରେ ପାଣି ଆସିଲେ ୫ ଦିନରେ ପୁଣି ଥରେ ପାଣି ମିଳୁଛି। ଏହା ଦ୍ୱାରା ଲୋକଙ୍କୁ ପାନୀୟ ଜଳର ବିଶେଷ ସମସ୍ୟା ହେଉଛି। ଏ ବିଷୟରେ ବିଭାଗୀୟ ଅଧିକାରୀଙ୍କୁ କହିଲେ ସମସ୍ୟାର ସମାଧାନ କରିବା ଦୂରେ ଥାଉ ବରଂ କୌଣସି ଉତ୍ତର ଦେଉ ନାହାନ୍ତି। ଏଣୁ ଏହାର ସୁବିଚାର କରିବା ସହ ପ୍ରତ୍ୟେକ ଦିନ ପାଇପ ପାଣି ମିଳିବା ବ୍ୟବସ୍ଥା ହେଲେ ପାଣି କଷ୍ଟ ଦୂର ହେବ।

**-ତୁର୍ଣ୍ଣ ବାଗ, ୱାର୍ଡସଭ୍ୟ**



ଠିକ ଭାବରେ ପାଇପ ପାଣି ଯୋଗାଣ ହେଲେ ଗାଁରେ ରହୁଥିବା ସମସ୍ତେ ଉପକୃତ ହେବେ। ବର୍ତ୍ତମାନ ବିନା ମୂଲ୍ୟରେ ଗାଁର କୁଶ ଭୋଇ ସମସ୍ତଙ୍କୁ ପାଣି ଦେଉଛନ୍ତି; ନ ହେଲେ ଏଠିକାର ଲୋକ ପାନୀୟ ଜଳ ଟୋପେ ପାଆନ୍ତେ ନାହିଁ। ଏଣୁ ଏହାର ତୁରନ୍ତ ସମାଧାନ କରିବା ଜରୁରୀ ହୋଇ ପଡିଛି।

**-ରିଖୀରାମ ଭୋଇ, ଗୋଇଯୋର ବାସିନ୍ଦା**

## ଗହୀରମଥାରେ ଅଲିଭ୍‌ରିଡଲେଙ୍କ ସମୂହ ଅଣ୍ଡାଦାନ ଶେଷ

# ଛଅ ଦିନରେ ୩ ଲକ୍ଷ ୧୧୫୯ କଇଁଛଙ୍କ ଅଣ୍ଡାଦାନ

ରାଜନଗର, ୯।୪(ସମିସ): ବିଶ୍ୱ ପର୍ଯ୍ୟଟନ ମାନଚିତ୍ରରେ ବିରଳ ଅଲିଭରିଡ୍‌ଲେ କଇଁଛମାନଙ୍କ ଏନ୍ଟୁଡିଶାଳ ଗହୀରମଥା ଲକ୍ଷ ଲକ୍ଷ ମାଆ କଇଁଛଙ୍କ ଅଣ୍ଡାଦେବା



ପକ୍ରିୟାରେ ଚଳଚଞ୍ଚଳ ହୋଇପଡ଼ିଛି। ଚଳିତମାସ ୨ ତାରିଖଠାରୁ ଆରମ୍ଭ ହୋଇଥିବା ଏହି ସମୂହ ଅଣ୍ଡାଦାନ ପକ୍ରିୟା ଶେଷ ହୋଇଛି। ପାଗ ଅନୁକୂଳ ଯୋଗୁ ୨ ତାରିଖ ଦିନ ୩ ହଜାର ୩୭ଟି, ୩ ତାରିଖରେ ୮୩ ହଜାର ୬ଶହ, ୪ ତାରିଖରେ ୯୮ ହଜାର ୧୬ଟି ଏବଂ ୫ ତାରିଖରେ ୮୨ ହଜାର ୬୬୩ଟି, ୬ ତାରିଖରେ ୩୨ ହଜାର ୮୬୭, ୭ ତାରିଖରେ ୧ ହଜାର ୬୭୮ ମୋଟ ୩ ଲକ୍ଷ ୧ ହଜାର ୧୫୯ ଅଲିଭରିଡଲେ ଅଣ୍ଡା ଦେଇଥିବା ନେଇ ଏସିଏଫ୍ ମାନସ କୁମାର ଦାସ ସୂଚନା ଦେଇଛନ୍ତି। ପ୍ରତିକୂଳ ପାଗ ଯୋଗୁ ଗୋଟିଏ ମାସ ପରେ କଇଁଛମାନେ ସମୂହ ଅଣ୍ଡାଦାନ କରିଛନ୍ତି। ଯାହା ଗହୀରମଥା ଇତିହାସରେ ପ୍ରଥମ ଘଟଣା ବୋଲି ଡିଏଫ୍‌ଓ ସୁଦର୍ଶନ ଗୋପିନାଥ ଯାଦବ କହିଛନ୍ତି।

ଏଠାରେ ସୂଚନାଯୋଗ୍ୟ ଯେ, ମା' କଇଁଛମାନେ ବେଳାଭୂମିର ନରମ ବାଲୁକା ରାଶିରେ ୧ ଫୁଟରୁ ଦେଢଫୁଟ ଗଭୀର ମାଠିଆ ଆକୃତିର ଗାତ ଖୋଳିବା ପରେ ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ ଅଣ୍ଡା ଦେଇଥାନ୍ତି। ଅଣ୍ଡାର ଖୋଳପା ନମନୀୟ ହୋଇଥିବାରୁ ଅଣ୍ଡା ଗଳିବା ସମୟରେ ତାହା ଫାଟିନଥାଏ। ଅଣ୍ଡା ଦେଇ ସାରିବା ପରେ ମାଆ କଇଁଛ ତାର ଗାତକୁ ବାଲି ଘୋଡାଇ ଲୁଚାଇ ପକାଏ ଓ ସମୁଦ୍ରକୁ ଫେରିଯାଏ। ସୂର୍ଯ୍ୟଙ୍କ ଉତ୍ତାପରେ ଉଷୁମ ହୋଇ ଅଣ୍ଡା ଗୁଡିକରୁ ୪୫ ରୁ ୬୦ ଦିନ ମଧ୍ୟରେ କଇଁଛ ଶାବକ ବାହାରିଥାନ୍ତି। ବିରଳ ଅଲିଭରିଡଲେ କଇଁଛଙ୍କ ଗଣ ଅଣ୍ଡାଦାନ ସମୟରେ ଏମାନଙ୍କ ସୁରକ୍ଷା ଦେବାକୁ ଗହୀରମଥା ରେଞ୍ଜ ଅଫିସର ପ୍ରଦୋଷ କୁମାର ମହାରଣାଙ୍କ ସମେତ ବନକର୍ମଚାରୀମାନେ ସୁରକ୍ଷା ବ୍ୟବସ୍ଥା କଡାକଡି କରିଛନ୍ତି। ଅଣ୍ଡାଦାନ ସ୍ଥଳକୁ ବାଡ ବୁଜାଯିବା ସହ ବନ କର୍ମଚାରୀମାନେ ଅଣ୍ଡାଦାନ ସ୍ଥଳକୁ ଜଗି ରହିଛନ୍ତି। ରାଜନଗର ଓ ଭଦ୍ରକ ଡିଭିଜନ ପକ୍ଷରୁ ଅଲିଭରିଡଲେଙ୍କ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି।

ଗତବର୍ଷ ୫ ଲକ୍ଷ ୧୨ ହଜାର ୧୩୫ ମାଆ କଇଁଛ ଗଣଅଣ୍ଡାଦାନ ପକ୍ରିୟାରେ ସାମିଲ ହୋଇଥିବା ବେଳେ ଚଳିତବର୍ଷ ୩ ଲକ୍ଷ ୧ ହଜାର ୧୫୯ କଇଁଛ ଗଣ ଅଣ୍ଡାଦାନ ପ୍ରକ୍ରିୟାରେ ସାମିଲ ହୋଇଛନ୍ତି। ବିଶ୍ୱ ତାପନ ଓ ଜଳବାୟୁର ଅହେତୁକ ପରିବର୍ତ୍ତନ ଯୋଗୁ କଇଁଛମାନଙ୍କ ଜୀବନଶୈଳୀ ଉପରେ ପ୍ରଭାବ ପଡ଼ିଥିବାରୁ ଚଳିତବର୍ଷ କଇଁଛମାନଙ୍କ ଗଣ ଅଣ୍ଡାଦାନ ବିଗତ ୫ ବର୍ଷ ମଧ୍ୟରେ ସବୁଠୁ କମ୍ ବୋଲି ଜଣାପଡ଼ିଛି। ଏହାସହ ପାଗ ଅନୁକୁଳ ନହେବାରୁ ପ୍ରାୟ ମାସେ ବିଳମ୍ବରେ ଅଲିଭରିଡଲେଙ୍କ ସମୂହ ଅଣ୍ଡାଦାନ ପକ୍ରିୟାରେ ସାମିଲ ହୋଇଛନ୍ତି।

# ରାମଚଣ୍ଡୀଙ୍କ ପୀଠରେ ଅଂଶୁମାନ, ଅତନୁ

■ ପୂଜାର୍ଚ୍ଚନା କରି ଆଶୀର୍ବାଦ ଭିକ୍ଷା କଲେ

ମହାକାଳପଡ଼ା, ୯।୪(ସମିସ): କେନ୍ଦ୍ରାପଡ଼ା ଲୋକସଭା ଆସନର ବିଜୁ ଜନତା ଦଳ ପ୍ରାର୍ଥୀ ଅଂଶୁମାନ ମହାନ୍ତି ଏବଂ ମହାକାଳପଡ଼ା ବିଧାୟକ ପ୍ରାର୍ଥୀ ମଙ୍ଗଳବାର ମହାକାଳପଡ଼ା ରାମନଗରର ଅଧିଷ୍ଠାତ୍ରୀ ଦେବୀ ଦରିଆପାରୀ ମା'



ରାମଚଣ୍ଡୀଙ୍କ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଛନ୍ତି। ମାର୍ଶାଘାଇ ଜମ୍ବୁ ରାସ୍ତାର ବାଲିଗଡ଼ାଠାରୁ ଏକ ବିଶାଳ ପଟୁଆରରେ କର୍ମୀମାନଙ୍କ ସହିତ ବାହାରି ରାମଚଣ୍ଡୀଙ୍କ ପୀଠରେ ପହଞ୍ଚି ପୂଜାର୍ଚ୍ଚନା କରିଥିଲେ। ମହାକାଳପଡ଼ାର ବିକାଶରେ ପ୍ରତିନିଧି ହେବାକୁ ବିଜୁ ଜନତା ଦଳର ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୁଯୋଗ ଦେଇଥିବାରୁ ଧନ୍ୟବାଦ ଜଣାଇଥିଲେ। ମହାକାଳପଡ଼ା ମୋ ବାପାଙ୍କ କର୍ମଭୂମି, ବାପାଙ୍କୁ ଯେମିତି ଭଲ ପାଉଥିଲେ ମୋତେ ସେମିତି ସୁଯୋଗ ଦେବାକୁ କହି ଭାବ ବିହ୍ୱଳ ହୋଇ ପଡ଼ିଥିଲେ ସାଂସଦ ପ୍ରାର୍ଥୀ ଅଂଶୁମାନ ମହାନ୍ତି। ମହାକାଳପଡ଼ାର ବିକାଶ ରଥକୁ ଆଗେଇ ନେବା ସହିତ ମହାକାଳପଡ଼ାବାସୀଙ୍କ ସେବା କରିବାକୁ ମୁଖ୍ୟମନ୍ତ୍ରୀ ଆମ ଦୁଇ ଭାଇଙ୍କୁ ସୁଯୋଗ ଦେଇଥିବାରୁ କୃତଜ୍ଞତା ଜଣାଇବା ସହିତ ଆମେ ଦୁଇ ଭାଇଙ୍କୁ ଡବଲ ଶଙ୍ଖ ଚିହ୍ନରେ ଭୋଟ ଦେଇ ଆଶୀର୍ବାଦ କରିବାକୁ ନିବେଦନ କରିଥିଲେ ବିଧାୟକ ପ୍ରାର୍ଥୀ ଅତନୁ ସବ୍ୟସାଚୀ ନାୟକ। କେନ୍ଦ୍ରାପଡ଼ା ଜିଲ୍ଲା ବିଜେଡି ସଭାପତି ଧିରେନ ସାହୁ, ଜିଲ୍ଲାପରିଷଦ ସଦସ୍ୟ ମୃତ୍ୟୁଞ୍ଜୟ ମଣ୍ଡଳ, ପୂର୍ବତନ ଜିଲ୍ଲାପରିଷଦ ସଦସ୍ୟ ପ୍ରଶାନ୍ତ ସାମନ୍ତରାୟ, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ବିଜୟ ଶୁକ୍ଳା, ବରିଷ୍ଠ ବିଜେଡି ନେତା ଅଶୋକ କୁମାର ମହାପାତ୍ରଙ୍କ ସମେତ ରାମନଗର, ପେଟଛେଲା, ଖରିନାସୀ, ବଉଳକଣି ପଞ୍ଚାୟତର ପ୍ରତିନିଧି ଦଳୀୟ କର୍ମକର୍ତ୍ତାଙ୍କ ସମେତ ହଜାର ହଜାର ସମର୍ଥକ ଉପସ୍ଥିତ ଥିଲେ।

## ଟ୍ରକ୍ ପଛରେ ପିଟିହେଲା ସ୍କୁଟି; ମହିଳା ମୃତ

ରାଜକନିକା, ୯।୪(ସମିସ): ରାଜକନିକା ଥାନା ଅଧୀନ କଟକ-ଚାନ୍ଦବାଲି ରାସ୍ତାର ଆରସା ଛକ ନିକଟସ୍ଥ ଗୁରୁକୁଳ ବିଦ୍ୟାଳୟ ସମ୍ମୁଖରେ ଆଜି ଟ୍ରକ୍ ପଛରେ ସ୍କୁଟି ପିଟି ହେବାରୁ ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟଜଣେ ଗୁରୁତର ହୋଇଛନ୍ତି। ମୃତ ମହିଳା ଜଣକ ହେଲେ ଝୁନୁ ମାଝୀ (୩୨)।

ଆଜି ପୂର୍ବାହ୍ନରେ କଟକ ଚାନ୍ଦବାଲି ରାସ୍ତାର ଆରସା ଛକ ନିକଟରେ ଏକ ଇଲେକ୍ଟ୍ରି ପୋଲ୍ ବୋଝେଇ ଟ୍ରକ ଛିଡା ହୋଇଥିଲା। ବୁରୁଡିଆ ଗାଁର ବିଷ୍ଣୁ ଚରଣ ମାଝୀଙ୍କ ବିବାହିତା ଝିଅ ଝୁନୁ ମାଝୀ(୩୨) ସେହି ଗାଁର ପୁଷ୍ପଲତା ବେହେରାଙ୍କୁ ସ୍କୁଟିରେ ବସେଇ ରାଜକନିକା କଣ୍ଟପଡ଼ା ବଜାରରୁ ଆସୁଥିବାବେଳେ ଅସାବଧାନତାବଶତଃ ସମ୍ନାରେ ଥିବା ଇଲେକ୍ଟ୍ରି ପୋଲ ବୋଝେଇ ଟ୍ରକକୁ ପଛପଟେ ପିଟି ହୋଇଯାଇଥିଲେ। ଫଳରେ ଘଟଣାସ୍ଥଳରେ ଝୁନୁଙ୍କର ମୃତ୍ୟୁ ହୋଇଥିବା ବେଳେ ପୁଷ୍ପଲତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି।

## ଯୁବକଙ୍କ ଅକାଳ ବିୟୋଗ



ରାଜକନିକା, ୯।୪(ସମିସ): ରାଜକନିକା ଅଞ୍ଚଳରେ ବେଶ ଜଣାଶୁଣା ଥିବା ଜ୍ୟୋତି ପ୍ରକାଶ ରାଉତରାୟ ଓରଫ ରାଜା(୪୨)ଙ୍କ ଅକାଳ ବିୟୋଗ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି। କୋଇଲିପୁର ପଞ୍ଚାୟତର ସରପଞ୍ଚ ଓ ପୂର୍ବ କନିକା ଜୋନର ଜିଲ୍ଲା ପରିଷଦ ସଭ୍ୟ ଭାବରେ ବେଶ ଜଣାଶୁଣା ଥିବା ବିଶିଷ୍ଟ ରାଜନେତା ଜଗନ୍ନାଥ ରାଉତରାୟଙ୍କ ଏକମାତ୍ର ପୁଅ ରାଜା ଦୀର୍ଘ ଦିନ ହେବ ଯକୃତ ରୋଗରେ ପୀଡିତ ହୋଇ ଚିକିତ୍ସିତ ହେଉଥିବା ସମୟରେ ଗତକାଲି ଅପରାହ୍ନରେ ତାଙ୍କର ବିୟୋଗ ଘଟିଛି। ରାଜାଙ୍କ ପରିବାର ଏବେ ରାଜକନିକା ସଦରରେ ରହୁଥିବା ବେଳେ ତାଙ୍କର ଘରଭଞ୍ଜା କୋହ୍ଲା ସ୍ଥିତ ପୈତୃକ ଗ୍ରାମରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ରାଜାଙ୍କ ବିୟୋଗରେ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରିବା ଶହ ଶବଧାରରେ ଉପସ୍ଥିତ ରହି ଅନ୍ତିମ ବିଦାୟ ଜଣାଇଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର ଭଉଣୀ, ଭିଣୋଇ, ଗ୍ରାମବାସୀ, ବନ୍ଧୁ.ପରିବାରବର୍ଗ ଓ ଶୁଭେଚ୍ଛୁମାନେ ଉପସ୍ଥିତ ରହିଥିଲେ। ତାଙ୍କର ସମ୍ପର୍କୀୟ ସାନ ଭାଇ ବିଶ୍ୱଜିତ୍ ମୁଖାଗ୍ନି ଦେଇଥିଲେ।

## ଜିଲ୍ଲା ପ୍ରଶାସନର କଟକଣା ସତ୍ତ୍ୱେ ହେଉଛି ମାଟି ଚୋରି

# ରେଳ ଲାଇନ୍ କଡ଼ରେ ସୃଷ୍ଟି ହେଲାଣି ପୋଖରୀ

କେନ୍ଦ୍ରାପଡ଼ା/ଡେରାବିଶ, ୯।୪(ସମିସ): ରେଳ ଲାଇନ କଡ଼ରୁ ଶତାଧିକ ଟ୍ରିପ ମାଟି ତାଡ଼ି ଚୋରି ହେଉଛି। ଏହାକୁ ବନ୍ଦ କରିବାକୁ



ଡେରାବିଶ ତହସିଲ କାର୍ଯ୍ୟାଳୟକୁ ଜିଲ୍ଲା ପ୍ରଶାସନ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶନାମା ପରେ ଗତ ୨ ଦିନ ମାଟି ତଡା ବନ୍ଦ ରହିଥିଲା। ଏହାପରେ ପୁଣିଥରେ ରେଳ ଲାଇନ କଡ଼ରୁ ଏହି ଚୋରି ଆରମ୍ଭ ହୋଇଛି। ଡେରାବିଶ ତହସିଲ ଅଧୀନରେ ଆସୁଥିବା ରାଜନଗର ଓ ବଳଭଦ୍ରପୁର ଆର୍‌ଆଇ ସର୍କଲରେ ବେଧଡ଼କ ଭାବେ ଏବେବି ମାଟି ଚାଲାଣ ହେଉଛି। କୁଆଡେ ମାଟି ମାଫିଆଙ୍କୁ ଡେରାବିଶ ତହସିଲ କାର୍ଯ୍ୟାଳୟ ପକ୍ଷରୁ ମାଟି ଖୋଳିବାକୁ କୁହାଯାଇଥିବା କଥା କମ୍ପାନୀ ପକ୍ଷରୁ କୁହାଯାଇଥିଲା। ଯଦି ଜିଲ୍ଲା ପ୍ରଶାସନ ରୋକ ଲଗାଇଥିଲା ତେବେ କେମିତି ତହସିଲ କାର୍ଯ୍ୟାଳୟ ମାଟି ଉଠାଇବାକୁ ନିର୍ଦ୍ଦେଶ ଦେବାକୁ ସାହସ କଲା ତାକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସମସ୍ତଙ୍କ ସାମ୍ନାରେ ଏତେ ବଡ଼ ଘଟଣା ଘଟୁଛି ହେଲେ ସମସ୍ତେ ଚୁପ ରହିଛନ୍ତି। ଜିଲ୍ଲା ପ୍ରଶାସନ ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରୁଥିବା ମାଟି ମାଫିଆ ଓ ଡେରାବିଶ ତହସିଲ କାର୍ଯ୍ୟାଳୟର କେତେଜଣ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ କେବେ ନିଆଯିବ ଦେଖିବାକୁ ବାକି ରହିଲା।

### ମାଟିବିକା କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ କେବେ

କେନ୍ଦ୍ରାପଡ଼ା ଜିଲ୍ଲା ଡେରାବିଶ ତହସିଲ ଅଧିନ ରାଜନଗର ଆରଆଇ ସର୍କଲରେ ସେଟେଲମେଣ୍ଟ ହୋଇ ନଥିବା ରଘୁଦେଇପୁର ମୌଜାରୁ କିଭଳି ମାଟି ଉଠାଇବାକୁ ଅନୁମତି କର୍ମଚାରୀ ଦେଇଛନ୍ତି। ଏନେଇ କର୍ମଚାରୀଙ୍କୁ ପ୍ରଶ୍ନ କରିବାରୁ ସେମାନେ ଯୁକ୍ତି କରିବାକୁ ପଛଘୁଞ୍ଚା ଦେଉନାହାନ୍ତି। ତେବେ କର୍ମଚାରୀଙ୍କ କହିବା କଥା ହେଲା କୁଆଡେ ଫାଇନ କଟା ହୋଇଛି। ତହସିଲଦାର ବି ତାଗିଦ କରିଛନ୍ତି। ହେଲେ ନଛୋଡ ବନ୍ଧା ମାଟି ମାଫିଆ କୁଆଡେ ମାନିବାକୁ ନାରାଜ। ତଥାପି ରେଳ ଲାଇନ କଡ଼ରୁ ମାଟି ଚୋରି ହେଉଛି। ହେଲା ତଥ୍ୟ କହୁଛି ମାଟି ମାଫିଆଙ୍କ ସହ ରାଜନଗର ତହସିଲ କର୍ମଚାରୀଙ୍କ ମିଳିଭଗତରେ ଏହିଭଳି କାର୍ଯ୍ୟ ହେଉଛି।

## କେନାଲ ପୋଲରୁ ଖସି ଜଣେ ମୃତ



ଜଗତସିଂହପୁର, ୯।୪ (ସମିସ): ଜିଲ୍ଲାର ସଦର ବ୍ଲକ ଅନ୍ତର୍ଗତ ସିଦ୍ଧଳ ଗ୍ରାମର ତଳସାହି କେନାଲ ପୋଲ ଉପରୁ ବିଳମ୍ବିତ ରାତ୍ରରେ ଜଣେ ବ୍ୟକ୍ତି ଖସିପଡ଼ିବାରୁ ତାଙ୍କର ଘଟଣା ସ୍ଥଳରେ ମୃତ୍ୟୁ ଘଟିଛି। ଖବର ପାଇ ଜଗତସିଂହପୁର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଆଜି ସକାଳେ ମୃତଦେହକୁ ଉଦ୍ଧାର କରିବା ସହିତ ବ୍ୟବଚ୍ଛେଦ ପାଇଁ ପଠାଇଛି। ସୂଚନା ମୁତାବକ, ସଦର ବ୍ଲକ କନ୍ତାର ଗ୍ରାମର ଶରତ ଦାସ(୫୮) କାଲି ରାତିରେ ନିକଟସ୍ଥ କନକଦୁର୍ଗା ପୀଠକୁ ବାରୁଣୀ ଯାତ୍ରା ଦେଖିବାକୁ ଯାଇଥିଲେ। ବିଳମ୍ବିତ ରାତ୍ରରେ ଘରକୁ ଫେରୁଥିବା ସମୟରେ ସିଦ୍ଧଳସ୍ଥିତ ତଳସାହି କେନାଲ ପୋଲ ଉପରୁ ତଳକୁ ଖସି ପଡ଼ିଥିଲେ। ଆଜି ସକାଳୁ ପରିବାର ଲୋକେ ଖୋଜାଖୋଜି କରିବା ପରେ କେନାଲ ଭିତରେ ବାଇକ ସହ ମୁହଁମାଡି ପଡ଼ିଥିବାର ଦେଖିଥିଲେ।ଏ ସମ୍ପର୍କରେ ଜଗତସିଂହପୁର ପୁଲିସକୁ ଖବର ଦେବାପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବକୁ ଉଦ୍ଧାର କରିଥିଲା। ଜଗତସିଂହପୁର ମୁଖ୍ୟଚିକିତ୍ସାଳୟରେ ଶବ ବ୍ୟବଚ୍ଛେଦ ନିମନ୍ତେ ଭର୍ତ୍ତୀ କରିଛି ପୁଲିସ। ଏ ସମ୍ପର୍କରେ ଜଗତସିଂହପୁର ଥାନାରେ ଏକ ମାମଲା ରୁଜୁହେବା ସହିତ ପୁଲିସ ତଦନ୍ତ ଜାରି ରଖିଛି। ଅନ୍ୟ ପକ୍ଷରେ, ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଭାବରେ ଶରତଙ୍କ ରୋଜଗାର ଉପରେ ପତ୍ନୀଙ୍କ ସହ ୪ ଅବିବାହିତ ଝିଅ ନିର୍ଭର କରି ଚଳୁଥିଲେ। ତାଙ୍କ ଅକାଳ ମୃତ୍ୟୁ ପରେ ପରିବାର ସମ୍ପୂର୍ଣ୍ଣଭାବେ ଭାଙ୍ଗି ପଡ଼ିଛି। ଉକ୍ତ ପରିବାରକୁ ସରକାରୀ ସହାୟତା ଯୋଗାଇଦେବା ନିମନ୍ତେ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହେଉଛି।

# ଆଳି ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ସମ୍ବର୍ଦ୍ଧନା ଉତ୍ସବ

ଆଳି, ୯।୪(ସମିସ): ଆଳି ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଏକ ସମ୍ବର୍ଦ୍ଧନା ଉତ୍ସବ ବଇଦମାଳ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି



ସମ୍ବର୍ଦ୍ଧନା ସଭାରେ ଅବସରର ଗ୍ରହଣ କରିଥିବା ଶିକ୍ଷକ ଜଗବନ୍ଧୁ ନନ୍ଦ, ଚକ୍ରଧର ଦାସ, ବୀରେନ୍ଦ୍ର ଦାସ, ଅଦୈତ ପ୍ରସାଦ ଦାସ, ଚୈତନ୍ୟ ଚରଣ ମହାଳିକ ଓ କୃଷ୍ଣଚନ୍ଦ୍ର ନାୟକଙ୍କୁ ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାଥମିକ ଶିକ୍ଷକ ସଂଘର ସଭାପତି ଧୂଳେଶ୍ୱର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମ୍ବର୍ଦ୍ଧନା ଉତ୍ସବରେ ବର୍ଷିଆନ ଶିକ୍ଷକ ନେତା ଅନନ୍ତ ଚରଣ ଦାସ ମୁଖ୍ୟଅତିଥି, ବୀରେନ କୁମାର ପ୍ରଧାନ ମୁଖ୍ୟବକ୍ତା, ବେଣୁଧର ମଲିକ ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ବିଦାୟୀ ଶିକ୍ଷକମାନଙ୍କ ଗୁଣଗାନ ସହିତ ଅଙ୍ଗବସ୍ତ୍ର ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସଂଘ ସମ୍ପାଦକ ସଦାନନ୍ଦ ଲେଙ୍କା ଉଦ୍ଦେଶ୍ୟ ଜ୍ଞାପନ, ଉପସଭାପତି ସରୋଜ ରଞ୍ଜନ ଦାଶ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅନ୍ୟତମ ଉପସଭାନେତ୍ରୀ ମନସ୍ୱିନୀ ଶତପଥୀ ଅତିଥି ପରିଚୟ ଦେଇଥିଲେ। ସଂଘର ଯୁଗ୍ମ ସମ୍ପାଦକ ଅର୍ଜୁନ ଚରଣ ଲେଙ୍କା, କୋଷାଧ୍ୟକ୍ଷ ସାଗର କୁମାର ସାମଲ ଓ ବରିଷ୍ଠ ଶିକ୍ଷକ ନଟବର ସାହୁ ପ୍ରମୁଖ ଉତ୍ସବ ସଂଯୋଜନା ଓ ପରିଚାଳନା କରିଥିଲେ।

# ଜୟ ରାଷ୍ଟ୍ର ପକ୍ଷରୁ ହିନ୍ଦୁ ନବବର୍ଷ ପାଳିତ

କେନ୍ଦ୍ରାପଡ଼ା, ୯।୪(ସମିସ): ସାମାଜିକ ସଂଗଠନ 'ଜୟ ରାଷ୍ଟ୍ର' ପକ୍ଷରୁ କେନ୍ଦ୍ରାପଡ଼ା ବଡବାରଙ୍ଗସ୍ଥିତ ମା ବାରଙ୍ଗେଇ ଠାକୁରାଣୀଙ୍କ ମନ୍ଦିରରେ ହିନ୍ଦୁ ନବବର୍ଷ ପାଳିତ ହୋଇଯାଇଛି। ଏହି ଅବସରରେ ମନ୍ଦିରରେ ବିଶେଷ ପୂଜାର୍ଚ୍ଚନା ଓ ହୋମ କରାଯାଇଥିଲା। ଚୈତ୍ର ଶୁକ୍ଳ ପକ୍ଷ ପ୍ରତିପଦରେ ହିନ୍ଦୁ ନବବର୍ଷ ପାଳନ କରାଯିବା ସହ ଅନୁଷ୍ଠାନ ପକ୍ଷରୁ ବିଶ୍ୱ କଲ୍ୟାଣ ପାଇଁ ସମୂହ ପ୍ରାର୍ଥନା କରାଯାଇଥିଲା। ଏହି ପବିତ୍ର ତିଥିରେ ଭଗବାନ ବ୍ରହ୍ମା ସୃଷ୍ଟି ସର୍ଜନା କରିଥିବାର ବିଶ୍ୱାସ ରହିଛି। କେବଳ ସେତିକି ନୁହେଁ ଏହିଦିନ ଭଗବାନ ଶ୍ରୀରାମଚନ୍ଦ୍ରଙ୍କ ରାଜ୍ୟାଭିଷେକ ମଧ୍ୟ ହୋଇଥିଲା। ଜୟ ରାଷ୍ଟ୍ରର ସଦସ୍ୟ ମଳୟ ସାହୁଙ୍କ ପୌରୋହିତ୍ୟରେ ଅୟୋଜିତ ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଉପଦେଷ୍ଟା ପୂର୍ଣ୍ଣଚନ୍ଦ୍ର ପଣ୍ଡା, ଜ୍ୟୋତି ନାୟକ, ଡାକ୍ତର୍ ବୀରେନ୍ଦ୍ର ଦାଶ, ନମିତା ଜେନା, ରୀନାରାଣୀ ଦାସ, ଦୁର୍ଗାପ୍ରସାଦ ପତି ଓ ପ୍ରଶାନ୍ତ ନାୟକ ପ୍ରମୁଖ ଯୋଗଦେଇଥିଲେ। ଏହିଦିନ ବିଭିନ୍ନ ସ୍ଥାନରେ ପୂଜାର୍ଚ୍ଚନା କରାଯିବା ସହ ଲୋକେ ନିଜଘରେ ଶୁଭ କଳସ ସ୍ଥାପନ କରି ଏହିଦିନଟିକୁ ପାଳନ କରିଛନ୍ତି।



# ବିଦ୍ୟାଳୟରେ ବିଜ୍ଞାନ ଓ ଗଣିତ କ୍ଲବ କାର୍ଯ୍ୟକ୍ରମ

ରାଜନଗର, ୯।୪(ସମିସ): ରାଜନଗର ବ୍ଲକ ମାଣପଡ଼ାସ୍ଥିତ ପଞ୍ଚୁବରାହୀ ବିଦ୍ୟା ନିକେତନ ପରିସରରେ ୨୦୨୩-୨୪ ବର୍ଷ ପାଇଁ ବିଜ୍ଞାନ ଓ ଗଣିତ କ୍ଲବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଶୁଭ୍ରଜ ବରାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଓ ବିଚାରକ ଭାବେ ରାଧାରାମ ବଳ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ବିଜ୍ଞାନ ଶିକ୍ଷୟିତ୍ରୀ ସୁଶ୍ରୀ ଅଭିପ୍ସା ପଲାଇଙ୍କ ତତ୍ତ୍ୱାବଧାନରେ ବିଜ୍ଞାନ ଓ ଗଣିତ ପ୍ରକଳ୍ପ ପ୍ରଦର୍ଶନୀ ଓ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ୧୫ଟି ଗଣିତ ଓ ବିଜ୍ଞାନ ପ୍ରକଳ୍ପର ପ୍ରଦର୍ଶନ କରାଯାଇଥିଲା। କୁଇଜ କାର୍ଯ୍ୟକ୍ରମରେ ବିଘ୍ନେଶ୍ୱର ସାହୁ, ଆଶିଷ ନାୟକ, କୀର୍ତ୍ତିମୟୀ ସାହୁ, ବର୍ଷାରାଣୀ ବାରିକ, ସୁନିତୀ ସାହୁ ଓ ବିଶ୍ୱଜିତା ବଳଙ୍କୁ ସାର୍ଟିଫିକେଟ ଓ ଟ୍ରଫି ଦିଆଯାଇ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶିକ୍ଷକ ଜ୍ଞାନ ସାର୍, ପ୍ରଶାନ୍ତ ସାର୍, ଶୁଭଶ୍ରୀ ମାଡାମ, ବୀରେନ୍ଦ୍ର ସାର୍, ଦିଲ୍ଲୀପ ସାର୍, ଡେଜି ମିଶ୍ର, ଅର୍ଣ୍ଣପୂର୍ଣା ରାଉତ, କୃଷ୍ଣ ସାର୍, ସବିତା ଦିଦି, ସ୍ୱର୍ଣ୍ଣ ଦିଦି ପ୍ରମୁଖ ପରିଚାଳନା କରିଥିଲେ।




# ଇଭିଏମ୍ ଓ ଭିଭିପାଟ୍‌ର ପ୍ରଥମ ପର୍ଯ୍ୟାୟ ରାଣ୍ଡମାଇଜେସନ୍

କେନ୍ଦ୍ରାପଡ଼ା, ୯।୪(ସମିସ): ଭାରତର ନିର୍ବାଚନ କମିସନ୍ ଏବଂ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଇଭିଏମ୍ ଓ ଭିଭିପାଟ୍‌ର ପ୍ରଥମ ପର୍ଯ୍ୟାୟ ରାଣ୍ଡମାଇଜେସନ୍ ପ୍ରକ୍ରିୟା ଗତ ସୋମବାରଠାରୁ ଆରମ୍ଭ ହୋଇଛି। ସମସ୍ତ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ଉପସ୍ଥିତିରେ ଏବଂ ଜିଲ୍ଲା ମୁଖ୍ୟ ନିର୍ବାଚନ ଅଧିକାରୀ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟ ଗରାପୁର କପାଳେଶ୍ୱର ମୌଜାସ୍ଥିତ ୱେୟାର୍ ହାଉସ୍‌ଠାରେ ସମ୍ପାଦନ ହେଉଛି। ପ୍ରତିଟି ଇଭିଏମ୍ ଓ ଭିଭିପାଟ୍‌ର କ୍ରମିକ ନମ୍ବରକୁ ର୍‌ୟାଣ୍ଡମ୍‌ଲି ଏକ ନିର୍ଦ୍ଦିଷ୍ଟ ନିର୍ବାଚନ ମଣ୍ଡଳୀ ସହ ଅନ୍‌ଲାଇନ୍ ମାଧ୍ୟମରେ ସ୍ୱଚ୍ଛ ଓ ନିରପେକ୍ଷ ଭାବରେ ସଂଯୋଗ କରାଯାଉଛି। ଏହି ରାଣ୍ଡମାଇଜେସନ୍ ପରେ ସମସ୍ତ ଇଭିଏମ୍ ଏବଂ ଭିଭିପାଟ୍‌କୁ ସମ୍ପୃକ୍ତ ବିଧାନସଭା ଓ ଲୋକସଭାଖଣ୍ଡକୁ ପ୍ରଦାନ କରାଯିବ, ଯାହାକି ସମ୍ପୃକ୍ତ ରିଟର୍ଣ୍ଣିଂ ଅଫିସରଙ୍କ ଦାୟିତ୍ୱରେ ରହିବ। ପୂର୍ବ ସ୍ଥିରୀକୃତ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ଷ୍ଟ୍ରଙ୍ଗରୁମ୍‌ରେ ସମସ୍ତ ରାଜନୈତିକ ଦଳର ପ୍ରତିନିଧିଙ୍କ ଉପସ୍ଥିତିରେ ଏହାକୁ ରଖି ତାଲା ଦିଆଯିବ। ସ୍ୱଚ୍ଛ, ଅବାଧ, ନିରପେକ୍ଷ ନିର୍ବାଚନ ପାଇଁ ୨୪ ଘଣ୍ଟିଆ ସଶସ୍ତ୍ର ପୁଲିସ ବାହିନୀର କଡା ସୁରକ୍ଷାବଳୟ ଏବଂ ସିସିଟିଭି ସୁପରିଭିଜନ ମଧ୍ୟରେ ଏହି ମେସିନ୍ ରହିବ। ଭାରତୀୟ ଜାତୀୟ କଂଗ୍ରେସ ପକ୍ଷରୁ ପ୍ରଫୁଲ୍ଲ କୁମାର ଦାସ, ବିଜେଡି ପକ୍ଷରୁ ଧୀରେନ୍ କୁମାର ସାହୁ, ବିଜେପି ପକ୍ଷରୁ ଉପିନ୍ କୁମାର ରାଉତ ଓ ନିହାର ରଞ୍ଜନ ମହାନ୍ତି, ବହୁଜନସମାଜବାଦୀ ପାର୍ଟି ପକ୍ଷରୁ ସୁଧାକର ମଲ୍ଲିକ, ସିପିଆଇ(ଏମ୍) ପକ୍ଷରୁ ଗୟାଧର ଧଳ, ଆମ୍ ଆଦ୍‌ମୀ ପାର୍ଟି ପକ୍ଷରୁ ସୂର୍ଯ୍ୟକାନ୍ତ ପରିଡ଼ା ପ୍ରମୁଖ ଏହି ରାଣ୍ଡମାଇଜେସନ୍ ପ୍ରକ୍ରିୟାରେ ଉପସ୍ଥିତ ରହିଥିଲେ। ସେମାନେ ଜିଲ୍ଲା ପ୍ରଶାସନ ପକ୍ଷରୁ ରାଣ୍ଡମାଇଜେସନ୍ ପାଇଁ ନିଆଯାଇଥିବା ସମସ୍ତ ପଦକ୍ଷେପକୁ ଭୂୟସୀ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତି ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଆଳି ବିଧାନସଭା ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସର ପୀତାମ୍ବର ସାମଲ, ରାଜନଗର ବିଧାନସଭା ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସର ନୀଲୁ ମହାପାତ୍ର, କେନ୍ଦ୍ରାପଡ଼ା ଓ ପାଟକୁରା ବିଧାନସଭା ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସର ରବୀନ୍ଦ୍ର କୁମାର ପ୍ରଧାନ, ମହାକାଳପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସର ଅଶୋକ କୁମାର ଦାଶ, ଉପ-ଜିଲ୍ଲା ନିର୍ବାଚନ ଅଧିକାରୀ ରମେଶ ଚନ୍ଦ୍ର ପଣ୍ଡା, କେନ୍ଦ୍ରାପଡ଼ା ଜିଲ୍ଲାର ସମସ୍ତ ବିଧାନସଭା ନିର୍ବାଚନମଣ୍ଡଳୀର ଏଆର୍‌ଓ, ଜିଲ୍ଲା ଇ-ଗଭର୍ଣ୍ଣାନ୍ସ ପରିଚାଳକ ଜ୍ଞାନ ରଞ୍ଜନ ସେଠୀ, ସମସ୍ତ ଡେପୁଟି କଲେକ୍ଟର୍, ଆସିଷ୍ଟାଂଟ୍ କଲେକ୍ଟର, ଜିଲ୍ଲାସ୍ତରୀୟ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

